# ସାଂସଦ ପ୍ରାର୍ଥୀ ଘୋଷଣା ପରେ କର୍ମୀ ଉତ୍ସାହିତ



ରାଇରଙ୍ଗପୁର, ୩୦ ।୩(ସମିସ)

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଶନିବାର ସନ୍ଧ୍ୟାରେ ମୟୂରଭଞ୍ଜ ସାଂସଦ ପାର୍ଥୀ ସୁଦାମ ମାର୍ଣ୍ଡି ତଥା ବିଜୁ ଜନତା ଦଳର କର୍ମକର୍ତ୍ତାମାନେ ପହଞ୍ଚିଥିଲେ। ସେଠାରେ ରାଇରଙ୍ଗପୁରର ଦଳୀୟକର୍ମୀ ତାଙ୍କୁ ପୁଷ୍ପଗୁଚ୍ଛ ଓ ଫୁଲତୋଡ଼ା ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପରେ ସେ ଓଡ଼ିଶାର ବୀରପୁତ୍ର ବିଜୁ ପଟ୍ଟନାୟକ ଏବ ଅଲଚିକି ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତି ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦଳୀୟ କର୍ମକର୍ତ୍ତା ବିଜୁ ଜନତା ଦଳ କି ଜୟ ବୋଲି ନାରା ଦେଇଥିଲେ।

ଏଥିରେ ରାଇରଙ୍ଗପୁର ପୌର ଅଧ୍ୟକ୍ଷ ଅଭିଶେକ ପଟ୍ଟନାୟକ, ଉପାଧ୍ୟକ୍ଷା ମମିତା ଚୌଧୁରୀ, ମହିଳା ମୋର୍ଚ୍ଚା ଜିଲ୍ଲା ସଭାପତି ତନୁଜା ମହାନ୍ତ, ଜିଲ୍ଲା ସଭାପତି କାଶୀନାଥ ହେମ୍ବ୍ରମ, ପୂର୍ବତନ ବିଧାୟକ ସାଇବା ସୁଶୀଲ କୁମାର ହାଁସଦା, ବିଜୁ ଶକ୍ତି ଯୋଜନା ଉପଦେଷ୍ଟା ଦୀପ୍ତିମାନ ବଳ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ରାଇରଙ୍ଗପୁର ପୂର୍ବତନ ବିଧାୟକ ସାଇବା ସୁଶୀଲ ହାଁସଦା, ଦଳୀୟ କର୍ମୀ ରାଇସେନ ମୁର୍ମୁ, ଜିଲ୍ଲା ପରିଷଦ ପୂର୍ଣ୍ଣଚନ୍ଦ୍ର ମାର୍ଣ୍ଡି, ପରେଶ ମୁଣ୍ଡା, ଛାତ୍ର ନେତା ବିକାଶ ମହାନ୍ତ, ପଙ୍କଜ ରାଉତ, ଡୁମକା ହେମ୍ବ୍ରମ, ରବୀନ୍ଦ୍ର ମାର୍ଣ୍ଡି, ରାଇରଙ୍ଗପୁର ଟାଉନ ଯୁବ ସଭାପତି ପଞ୍ଚୁ ଲୋହାର, ରାଇରଙ୍ଗପୁର ମହିଳା ମୋର୍ଚ୍ଚା ଟାଉନ ସଭାପତି ପୁଷ୍ପିତା ମହାନ୍ତ, ବିକାଶ ମୋଦକ, ଆହ୍ୱାନ ପଟ୍ଟନାୟକ, ବିକାଶ ମହାନ୍ତ, ଟିଟନ ଦାସ, ସଚ୍ଚିନ୍ଦ୍ର ଦାସ, ହରେକୃଷ୍ଣ ମଣ୍ଡଳ, ପରେଶ ହେମ୍ବ୍ରମ, ମଟକା ବିରୁଆ, ପାର୍ଥସାରଥୀ କବି, ଶାଶ୍ୱତ ବଳ, ସମସ୍ତ ୱାର୍ଡ କାଉନସିଲର, ସମସ୍ତ ବ୍ଲକର ଅଧ୍ୟକ୍ଷ, ଅଧ୍ୟକ୍ଷା ତଥା ଜିଲ୍ଲା ପରିଷଦ ସଭ୍ୟସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ।

## ନିର୍ବାଚନ ପାଇଁ ଶୁଳିଆପଦାରେ ପୁଲିସର ଫ୍ଲାଗମାର୍ଚ୍ଚ

**ଶୁଳିଆପଦା, ୩୦।୩ (ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ କରିବା ପାଇଁ ଆଜି ଶୁଳିଆପଦା ପୁଲିସ ପକ୍ଷରୁ କୋଷ୍ଠା, ବାଘଡା ଓ ଶୁଳିଆପଦାରେ ଫ୍ଲାଗମାର୍ଚ୍ଚ କରାଯାଇଛି। ବାରିପଦା ଏସଡିପିଓ ସୁଜିତ ପ୍ରଧାନ ଓ ଶୁଳିଆପଦା ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଏସଆଇ ରସାନନ୍ଦ ମହାନ୍ତି, ଏଏସଆଇ ନରେନ୍ଦ୍ର ନାଥ ସେଠୀ, ସିଆଇଏସଏଫ୍‌ର ଏଏସଆଇ ଟି.କେ ବେଜ୍, ଏଏସଆଇ ଏମ୍.ଡି ହୋସେନ୍, ଏଏସଆଇ ଆର୍.ସି ବାଗ୍ ସିଂହ ୧୪ ଜଣ ହେଡ୍ କନେଷ୍ଟବଲ ଓ ୪୩ ଜଣ କନେଷ୍ଟବଲଙ୍କ ସମେତ ୩ ପ୍ଲାଟୁନ୍ ଫୋର୍ସ ଓ ଶୁଳିଆପଦା ପୁଲିସ ଫ୍ଲାଗମାର୍ଚ୍ଚ କରିଥିଲେ।

## ଏଭରେଷ୍ଟ ଗିରିଶୃଙ୍ଗରେ ଉଡ଼ିଲା ମୟୂରଭଞ୍ଜ ଧ୍ୱଜା




ବାରିପଦା, ୩୦ ।୩(ସମିସ)

ଏଭରେଷ୍ଟ ଗିରିଶୃଙ୍ଗରେ ଉଡିଲା ମୟୂରଭଞ୍ଜ ଧ୍ୱଜା। ମୟୂରଭଞ୍ଜର ଦୁଇ ରାଜକୁମାରୀ ଏଭରେଷ୍ଟ ଗିରିଶୃଙ୍ଗ ଆରୋହଣ କରି ଅନ୍ନପୂର୍ଣ୍ଣା ବେସ୍ କ୍ୟାମ୍ପରେ ଧ୍ୱଜା ଉଡାଇଛନ୍ତି। ମୟୂରଭଞ୍ଜ ରାଜ ପରିବାରର ଦୁଇ କନ୍ୟା ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରା ଆଦିକୁ ବିଶ୍ୱ ଦରବାରରେ ପରିଚୟ ଦେବାକୁ ପ୍ରଚେଷ୍ଟା ଜାରି ରଖିଛନ୍ତି। ଦୁଇ ରାଜଜେମା ମୃଣାଳିକା ମଞ୍ଜରୀ ଭଞ୍ଜଦେଓ ଏବଂ ଅକ୍ଷିତା ମଞ୍ଜରୀ ଭଞ୍ଜଦେଓ ଉଭୟ ଏଭରେଷ୍ଟ ଗିରିଶୃଙ୍ଗକୁ ବନ୍ଧୁମାନଙ୍କ ସହିତ ପର୍ବତ ଆରୋହଣ କରିଥିଲେ। ଏଭରେଷ୍ଟ ଗିରିଶୃଙ୍ଗର ଅନ୍ନପୂର୍ଣ୍ଣା ବେସ୍ କେମ୍ପ ପର୍ଯ୍ୟନ୍ତ ପହଞ୍ଚିଥିଲେ। ଯାହାକି ସମୁଦ୍ର ପତ୍ତନଠାରୁ ୪ହଜାର ୧ଶହ ୩୦ମିଟର ଉଚ୍ଚରେ ଅବସ୍ଥିତ। ଉଭୟ ରାଜକୁମାରୀ ମୃଣାଳିକା ମଞ୍ଜରୀ ଏବଂ ଅକ୍ଷିତା ମଞ୍ଜରୀ ଭଞ୍ଜଦେଓ ହାତରେ ମୟୂରଭଞ୍ଜ ଧ୍ୱଜାକୁ ଧରି ପ୍ରଦର୍ଶନ କରି ଉଡାଇଥିଲେ। ଜିଲ୍ଲାର କାରୁକାର୍ଯ୍ୟକୁ ବିଶ୍ୱ ଦରବାରରେ ପରିଚୟ ଦେବାକୁ ମୟୂରଭଞ୍ଜ ରାଜ ପରିବାରର ପ୍ରୟାସ ଜାରି ରହିଛି। ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ରାଜପରିବାରର ଦୁଇ ରାଜକୁମାରୀ ଅକ୍ଷିତା ମଞ୍ଜରୀ ଓ ମୃଣାଳିକା ମଞ୍ଜରୀଙ୍କ ଉଦ୍ୟମ ଜାରି ରଖିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଉଭୟ ଭିଏତନାମ ଓ ଥାଇଲାଣ୍ଡ ରୋଡ ସୋ'ରେ ଅଂଶଗ୍ରହଣ କରି ବିଦେଶରେ ଓଡ଼ିଶାର ପର୍ଯ୍ୟଟନର ସମ୍ଭାର ଓ ସୁବିଧା ସୁଯୋଗ ସମ୍ପର୍କରେ ତଥ୍ୟ ରଖିଥିଲେ। ପର୍ଯ୍ୟଟନ ଶିଳ୍ପରେ ଟୁର-ଟ୍ରାଭେଲ୍ସ ଓ ହୋଟେଲ ସଂଘ ସହିତ ଜଡିତ ରହି ନିଜ କ୍ଷେତ୍ରକୁ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବା ପାଇଁ ତଥ୍ୟ ଆଦାନପ୍ରଦାନରେ ବିଶେଷ ଭୂମିକା ନିଭାଇ ପ୍ରଶଂସା ସାଉଁଟିଥିଲେ।

## ବମ୍ବେ ଛକରେ ମର୍ମନ୍ତୁଦ ଦୁର୍ଘଟଣା

**ସାରସକଣା/ ଜାମଶୋଳା, ୩୦।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ତିନି ରାଜ୍ୟର ସୀମାନ୍ତରେ ଥିବା ଝାରପୋଖରିଆ ବମ୍ବେ ଛକରେ ଶନିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ କାର ଭାରସାମ୍ୟ ହରାଇ ଜଣେ ଗୃହରକ୍ଷୀଙ୍କୁ ଧକ୍କା ଦେଇଛି। ଫଳରେ ଗୃହରକ୍ଷୀ ଗୁରୁତର ଆହତ ହେଇଛନ୍ତି। ସୂଚନା ଅନୁସାରେ, ଏକ କାର ଜାତୀୟ ରାଜପଥ ୧୮ ନଂ ବାରିପଦା ପଟୁ ଦ୍ରୁତବେଗରେ ଝାଡଖଣ୍ଡ ଅଭିମୁଖେ ଯାଉଥିବା ବେଳେ ବମ୍ବେଛକ ବଜାର ଉପରେ ଥିବା ଅର୍ଦ୍ଧନିର୍ମିତ ଅଭରବ୍ରିଜ ତଳେ ଭାରସାମ୍ୟ ହରି ବମ୍ବେଛକ ବଜାରରେ ରାତି ଡ୍ୟୁଟିରେ ଥିବା ଗୃହରକ୍ଷୀ ଲିଟୁ ମହାନ୍ତଙ୍କ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରୁ କାର ଡ୍ରାଇଭର ଓ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି।

## ବାଇକ୍ ଧକ୍କାରେ ବୃଦ୍ଧ ଗୁରୁତର

**ମୋରଡ଼ା, ୩୦।୩(ସମିସ):** ମୋରଡ଼ା ଥାନା ତଥା ଚିତ୍ରଡା ଫାଣ୍ଡି ଅଧୀନ ପାରିଆଉଡା ଗାଁ ନିକଟରେ ଶନିବାର ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଥିବା ଜଣାପଡ଼ିଛି। ଦୁଇଜଣ ଯୁବକ ଏକ ବାଇକ୍‌ରେ ଦ୍ରୁତଗତିରେ ଆସି ବୃଦ୍ଧଙ୍କୁ ଧକ୍କା ଦେଇଥିଲେ। ଗୁରୁତର ବୃଦ୍ଧ ହେଲେ ସମାଇଡ଼ିହି ଗ୍ରାମର ବଂଶୀଧର ବେହେରା (୮୦)। ଏକ ବାଇକରେ ଶିବ ମହାନ୍ତ ଏବଂ ଦଶରଥ ମହାନ୍ତ ଦାଣ୍ଡିଆମୁହାଁରୁ ଘର କାମ ସାରି ଫେରୁଥିବା ସମୟରେ ଦ୍ରୁତଗତିରେ ଆସି ବଂଶୀଧରଙ୍କୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ବୃଦ୍ଧ ଜଣକ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତେବେ ଖବର ପାଇ ସୁଶାନ୍ତ କୁମାର ବିନ୍ଧାଣି ଚିତ୍ରଡା ଫାଣ୍ଡିର ଜଣେ କନଷ୍ଟବଳ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି କିସାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ; ହେଲେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଥିଲା। ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଟ୍ରେନ୍‌ରୁ ଖସି ରେଳ କର୍ମଚାରୀ ଆହତ



**ବୈଶିଙ୍ଗା, ୩୦।୩(ସମିସ):** ଶୁକ୍ରବାର ଅପରାହ୍ନରେ ବାଲେଶ୍ୱର ଜିଲ୍ଲାର ନୀଳଗିରି ନିକଟସ୍ଥ ଗୋପୀନାଥପୁର ରେଳ ଷ୍ଟେସନରେ କାମ କରୁଥିବା ସମୟରେ ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅଧୀନ କୁରାଡିକ ଗ୍ରାମର ଲକ୍ଷ୍ମୀଧର ମହାନ୍ତ ଭାରସାମ୍ୟ ହରାଇ ଟ୍ରେନରୁ ଖସି ପଡ଼ିଥିଲେ। ଫଳରେ ତାଙ୍କର ବାମହାତ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟର ହାଡ଼ ଭଙ୍ଗା ବିଭାଗରେ ଭର୍ତ୍ତି କରାଯାଇଛି। ହାତ ଭାଙ୍ଗିବା ସହିତ ମୁହଁରେ ଏବଂ ଛାତି ମଧ୍ୟ ଜୋର ଆଘାତ ଲାଗିଥିବା ଜଣାଯାଇଛି। ଏଠାରେ ଉଲ୍ଲେଖନୀୟ ଯେ, ଲକ୍ଷ୍ମୀଧର ବାଲେଶ୍ୱରରେ ଇଲେକଟ୍ରିକାଲ ଟ୍ରାକ୍ସନ ରିପିଆର ଡିପାର୍ଟମେଣ୍ଟରେ କାମ କରନ୍ତି।

## ଯୁବକଙ୍କ ଅକାଳ ବିୟୋଗ

**କୁଆମରା, ୩୦।୩(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ଶାଳବଣୀ ଗ୍ରାମର ଜଣେ ଯୁବକଙ୍କ ଅକାଳ ବିୟୋଗ ଘଟିଛି। ମୃତକ ଜଣକ ହେଉଛନ୍ତି ଗୋରା ମାରାଣ୍ଡି (୩୫)। ଗତକାଲି ରାତିରେ ଗୋରା କୌଣସି କାମରେ ଆସି ଘରକୁ ଫେରୁଥିବା ବେଳେ ରାସ୍ତା ପାର୍ଶ୍ୱରେ ପଡ଼ିଯାଇଥିଲେ। ସେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ତାଙ୍କ ପରିବାର ଲୋକେ ଖୋଜାଖୋଜି କରିଥିଲେ, ହେଲେ ଆଜି ସକାଳେ ରାସ୍ତା ପାର୍ଶ୍ୱରେ ମୃତ ଅବସ୍ଥାରେ ପଡ଼ିଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ସାଇବର କ୍ରାଇମ୍ ମାମଲାର ତଦନ୍ତ ପାଇଁ
# ବେତନଟୀରେ ପହଞ୍ଚିଲା ଦିଲ୍ଲୀ ପୁଲିସ

ବେତନଟୀ, ୩୦।୩ (ସମିସ)

ଗତ ୨୦୨୨ ମସିହାର ଏକ ସାଇବର କ୍ରାଇମ ମାମଲା ରୁଜୁ କରିଥିବା ଦିଲ୍ଲୀ ପୁଲିସ ତଦନ୍ତ ନିମନ୍ତେ ଶନିବାର ବେତନଟୀ ଥାନାରେ ପହଞ୍ଚିଛି। ଏତଲାକାରୀ ଟାଗୋର ଗାର୍ଡନେ ନୂଆଦିଲ୍ଲୀ ଅଞ୍ଚଳର ଜୋତା ବ୍ୟବସାୟୀ ସୁନୀର କୁମାରଙ୍କ ପୁଅ ରୋହନ ସିଂଘାରିଆଙ୍କ ଅଭିଯୋଗ ମୁତାବକ ଫୋନଯୋଗେ ନିଜକୁ ଷ୍ଟେଟବ୍ୟାଙ୍କ କର୍ତ୍ତୃପକ୍ଷ ପରିଚୟ ଦେଇ ବ୍ୟାଙ୍କ ଆକାଉଣ୍ଟ ବ୍ଲକ ହୋଇଯାଇଛି। କେୱାଇସି ଅପଡେଟ କରିବା ବାହାନାରେ ତାଙ୍କ ଆକାଉଣ୍ଟରୁ ୫୨ହଜାର ଟଙ୍କା ସାଇବର ଲୁଟେରା ଲୁଟି ନେଇଥିଲେ। ଏ ନେଇ ରୋହନ ସିଂଘାରିଆଙ୍କ ଏତଲାମୂଳେ ପଶ୍ଚିମଦିଲ୍ଲୀର ପଶ୍ଚିମ ସାଇବର ପୁଲିସ ଷ୍ଟେସନ ପକ୍ଷରୁ ୨୦୨୨ ମସିହା ଏପ୍ରିଲ ୧୮ ତାରିଖରେ ୫୬ ନମ୍ବରରେ ଏକ ଠକେଇ ମାମଲା ରୁଜୁ ହୋଇଥିଲା। ସବଇନସ୍ପେକ୍ଟର ରୋବିନ ଖତାନା ମାମଲାର ତଦନ୍ତଭାର ଗ୍ରହଣ କରିଥିଲେ। ତଦନ୍ତ ସମୟରେ ବେତନଟୀ ଥାନା ଇଲାକାର ପୂର୍ଣ୍ଣଚନ୍ଦ୍ର ମହାରଣାର ପୁଅ ସୁମନ ମହାରଣା ଏହି ସାଇବର କ୍ରାଇମରେ ଜଡିତ ଥିବାନେଇ ଜଣାପଡ଼ିବା ପରେ ଦିଲ୍ଲୀ ପୁଲିସର ଏକ ଟିମ୍ ଶନିବାର ବେତନଟୀ ଥାନାରେ ପହଞ୍ଚି ତଥ୍ୟ ସଂଗ୍ରହ କରିଛି।

## ବିଦ୍ୟୁତ୍ ଆଘାତରେ ବାଳକ ମୃତ

**ଠାକୁରମୁଣ୍ଡା, ୩୦।୩(ସମିସ):** ପୋଖରୀର ପାଣି ଶୁଖାଇ ମାଛ ଧରିବାକୁ ଲଗାଯାଇଥିବା ଏକ ପାଣି ପମ୍ପର ବିଦ୍ୟୁତ ତାରରେ ଲାଗି ଶନିବାର ଜଣେ ବାଳକର ମୃତ୍ୟୁ ଘଟିଛି। ମୃତ ବାଳକ ଜଣକ ହେଉଛନ୍ତି ଠାକୁରମୁଣ୍ଡା ବ୍ଲକ ହାତୀଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ଧିରଳ ଗ୍ରାମର ଗୋବିନ୍ଦ ମୁର୍ମୁଙ୍କ ୬ ବର୍ଷର ପୁଅ ମାସାଙ୍ଗ। ସୂଚନା ଅନୁଯାୟୀ, ଗ୍ରାମରେ ଥିବା ଏକ ସରକାରୀ ପୋଖରୀକୁ ନିଲାମ ନେଇ ମାଛ ଚାଷ କରିଥିବା ଲୋକେ ସକାଳେ ଏକ ପମ୍ପ ସାହାଯ୍ୟରେ ପାଣି ଶୁଖାଉଥିଲେ। ପାଣିମଟରକୁ ବିଦ୍ୟୁତ ସଂଯୋଗ ହୋଇଥିଲା। ସକାଳେ ମାସାଙ୍ଗ ସାଙ୍ଗମାନଙ୍କ ସହିତ ପୋଖରୀ କୂଳରେ ଖେଳୁଥିବା ବେଳେ ମାଟି ଉପରେ ଦେଇ ପାଣି ପମ୍ପକୁ ଯାଇଥିବା ବିଦ୍ୟୁତ ତାରରେ ଲାଗି ଯାଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ଠାକୁରମୁଣ୍ଡା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ଘଟଣାର ତଦନ୍ତ କରୁଛି।

■ ସରିଲା ବେତନଟୀ ବାର ଆସୋସିଏସନ ନିର୍ବାଚନ

## ଲମ୍ବୋଦର ସଭାପତି ଓ ପ୍ରବୀର ସମ୍ପାଦକ ନିର୍ବାଚିତ



**ବେତନଟୀ, ୩୦ ।୩(ସମିସ):** ବେତନଟୀ ବାର ଆସୋସିଏସନ ନିର୍ବାଚନର ଫଳାଫଳ ଶନିବାର ଘୋଷଣା ହୋଇଛି। ସଭାପତି ଭାବରେ ଲମ୍ବୋଦର ମହାନ୍ତ ଏବଂ ସମ୍ପାଦକ ଭାବରେ ପ୍ରବୀର କୁମାର ବାରିକ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ରବିନାରାୟଣ ମହାପାତ୍ର, କୋଷାଧ୍ୟକ୍ଷ ଭାବେ ମନୋଜ ଦଳେଇ ପ୍ରମୁଖ ନିର୍ବାଚିତ ହୋଇଥିବାବେଳେ କାର୍ଯ୍ୟକାରୀ କମିଟିରେ ଧୀରୋଜ ଖଣ୍ଡେଲୱାଲ, ଅଂଶୁମାନ ସରକାର, ସଞ୍ଜୟ କୁମାର ଭୂୟାଁ ଏବଂ ହରଦତ୍ତ ମହାନ୍ତି ନିର୍ବାଚିତ ହୋଇଛନ୍ତି। ତେବେ ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସଚ୍ଚିଦାନନ୍ଦ ମହାନ୍ତି ଏବଂ ଲମ୍ବୋଦର ମହାନ୍ତ ଉଭୟ ୨୦ଟି ଲେଖାଏଁକରି ସମାନ ସଂଖ୍ୟକ ଭୋଟ ପାଇଥିଲେ। ଫଳରେ ନିର୍ବାଚନ ଅଧିକାରୀ ଟସ୍ ମାଧ୍ୟମରେ ଫଳାଫଳ ନିର୍ଣ୍ଣୟ କରିଥିଲେ। ପରେ ଲମ୍ବୋଦର ମହାନ୍ତଙ୍କୁ ସଭାପତି ଭାବରେ ଘୋଷଣା କରିଥିଲେ। ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ବଳଦକୁ ଧକ୍କା ଦେଇ ବାଇକ୍ ଚାଳକ ଆହତ

**ଠାକୁରମୁଣ୍ଡା, ୩୦।୩(ସମିସ):** ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଘୁଲୁଘୁଲିଆ ନିକଟରେ ଶନିବାର ସନ୍ଧ୍ୟାରେ ଏକ ବଳଦକୁ ଧକ୍କା ଦେବାରୁ ଜଣେ ବାଇକ ଚାଳକ ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ମହୁଲଡ଼ିହା ପୁଲିସ ଆହତଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛି। ସୂଚନା ଅନୁଯାୟୀ ଶାଳଚୁଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ କରଡାପାଳ ଗ୍ରାମର ଗୋପୀନାଥ ହୋ'ଙ୍କ ପୁଅ ବୀରସିଂ (୨୫) ଓ ନାଣ୍ଟୁ ହୋ ଏକ ବାଇକ ଯୋଗେ ଠାକୁରମୁଣ୍ଡା ନିକଟ ମିଟୁଆଣି ଗ୍ରାମକୁ ଆସି କାମସାରି ଘରକୁ ଫେରୁଥିବା ସମୟରେ ଏକ ବଳଦକୁ ବାଇକ ଧକ୍କା ଦେଇଥିଲେ। ଫଳରେ ବାଇକ ଚାଳକ ବୀରସିଂ ଗୁରୁତର ଆହତ ହୋଇଛନ୍ତି। ତାଙ୍କର ଡାହାଣ ପଟ ମୁଣ୍ଡ ଓ ହାତରେ ଗଭୀର କ୍ଷତ ହୋଇଛି।

# ଜୟପୁର ଉଚ୍ଚବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ ଉଦ୍‌ଘାଟିତ



କୁଆମରା, ୩୦।୩(ସମିସ)

ଗୋପବନ୍ଧୁ ନଗର ବ୍ଲକ ଜୟପୁର ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ ଆଜି ଉଦଘାଟିତ ହୋଇଯାଇଛି। ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ନୈତିକ ଶିକ୍ଷାର ଆବଶ୍ୟକତା ଉପରେ ପ୍ରଥମ ଅଧିବେଶନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗଦୀଶ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଦିଲ୍ଲୀପ କୁମାର ଦିକ୍ଷୀତ, ମୁଖ୍ୟ ଆଲୋଚକ ପୂର୍ବତନ ଶିକ୍ଷା ଅନୁ ନିରୀକ୍ଷକ ପଣ୍ଡିତ ଲକ୍ଷ୍ମୀଧର ପୁଥାଳ, ବିଶିଷ୍ଟ ଆଲୋଚକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ଦାସବାବୁ, ସମ୍ମାନିତ ଆଲୋଚକଭାବେ କୁଶଳଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶିଧର ବାରିକ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଶ୍ରୀକାନ୍ତ ପ୍ରସାଦ ବେହେରା, ବରିଷ୍ଠ ସାରସ୍ୱତ ସାଧକ ଭଗବାନ ନାୟକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିହର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ସନ୍ତୋଷ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ରାଜ୍ୟ ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି ସନାତନ ଜେନା, ବିଶିଷ୍ଟ ଅତିଥି ନୀଳଗିରି ବାଳିକା ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିକାନ୍ତ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅରୁଣ କୁମାର ପଟ୍ଟନାୟକ, ରଜତ ଜୟନ୍ତୀ ସ୍ମରଣିକାର ମୁଖ୍ୟ ସମ୍ପାଦକ ଶିକ୍ଷକ ରଜତ କୁମାର ପଣ୍ଡା, ସହକାରୀ ଶିକ୍ଷକ ପଦ୍ମଲୋଚନ ପ୍ରଧାନ ପ୍ରମୁଖ ଯୋଗଦେଇ ନିରନ୍ତର ପ୍ରଚେଷ୍ଟା ଓ ସଂଘର୍ଷ ଦ୍ୱାରା ଶକ୍ତି ଏବଂ ସମୃଦ୍ଧି ମିଳେ ବୋଲି ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷକ ଅରବିନ୍ଦ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ ମଞ୍ଚ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥



**୰ ବିବସ୍ୱ ସାହୁ**
ଅବସରପ୍ରାପ୍ତ ବନ କର୍ମଚାରୀ
ତୁଳଣ୍ଡା, ତରଭା, ସୋନପୁର
ଧରାବତରଣ- ୧୪.୦୪.୧୯୫୬, ସ୍ୱର୍ଗାରୋହଣ- ୨୧.୦୩.୨୦୨୪

ଆପଣଙ୍କ ସ୍ନେହ, ମମତା, ପିତୃମାତୃ ଭକ୍ତି, ଜୀବନରେ ଈଶ୍ୱର ନିଷ୍ଠା, ସନ୍ତାନ ପ୍ରତି ଅକୁଣ୍ଠିତ ବାତ୍ସଲ୍ୟ ପ୍ରତିଫଳିତ ହୋଇଥିଲା। ଆପଣଙ୍କ ଶୂନ୍ୟତା ଆମ୍ଭମାନଙ୍କ ପାଇଁ ସର୍ବଦା ଅପୂରଣୀୟ। ଆଜି ଏକାଦଶାହ ଅବସରରେ ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ବାପା - ଗୋପିନାଥ ସାହୁ, ପତ୍ନୀ- ସଂଯୁକ୍ତା, ଝିଅ- ଅନିତା, ସୁନିତା, ଲଳିତା, ଅଙ୍କିତା, ସଞ୍ଜିତା, ଭାଇ- ଶ୍ରୀବତ୍ସ, ପୂର୍ଣ୍ଣଚନ୍ଦ୍ର, ଜ୍ୱାଇଁ- ପ୍ରିୟରଞ୍ଜନ, ଦେବବ୍ରତ, ପୁତୁରା- ଅଂଶୁ, ପିଙ୍କୁ, ରିଙ୍କୁ, ନାତୁଣୀ- ପ୍ରତୀକ୍ଷା, ସମୀକ୍ଷା, ମିଷ୍ଟି, ନାତି - ଦିପେଶ ଓ ପରିବାରବର୍ଗ।

## ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଲା ଅଟୋ; ୩ ଆହତ

**ବୈଶିଙ୍ଗା, ୩୦ ।୩ (ସମିସ):** ବୈଶିଙ୍ଗା ଥାନା ଅଧୀନ ବଙ୍ଗାଳିଡାହି ଛକରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ବିଦ୍ୟୁତଖୁଣ୍ଟକୁ ଏକ ଅଟୋ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅଟୋରେ ଚାଳକ ସମେତ ୪ ଜଣ ଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ, ରାମଚନ୍ଦ୍ର ସୋରେନ ଅଟୋଯୋଗେ ଚାଳକଙ୍କ ବ୍ୟତୀତ ତିନିଜଣ ଯାତ୍ରୀ ରୁପ୍ସାରୁ ବୈଶିଙ୍ଗା ଅଭିମୁଖେ ଆସୁଥିବା ସମୟରେ ବଙ୍ଗାଳିଡାହି ଛକରେ କୌଣସି କାରଣରୁ ଭାରସାମ୍ୟ ହରାଇ ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଯାଇଥିଲା। ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଥିବା ବେଳେ ଯାତ୍ରୀବାହୀ ଅଟୋଟି ଉପରକୁ ଉଠିଯାଇଥିଲା। ଦୁର୍ଘଟଣାରେ ତିନିଜଣ ସାମାନ୍ୟ ଆହତ ହୋଇଥିବା ବେଳେ ଆଗ୍ରିଆ ପଞ୍ଚାୟତ ଅଧୀନ ପାଟପୁର ଗ୍ରାମର ବାରିସା ମୁର୍ମୁର ପୁଅ କନ୍ଦା ମୁର୍ମୁଙ୍କ ହାତ ଭାଙ୍ଗିଯାଇଛି। ତାଙ୍କୁ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ଅଟୋକୁ ଜବତ କରି ତଦନ୍ତ ଚଳାଇଛି।



SAI HIGHER SECONDARY SCHOOL
Admission Open!
RESIDENTIAL COLLEGE FOR +2 SCIENCE & ARTS
Permanently Recognised by Govt. of Odisha & Affiliated to C.H.S.E, Odisha
AWARDED AS RESIDENTIAL COLLEGE OF The NO.1 ODISHA
SPECIAL GUIDANCE TO SUPER-40 (INTEGRATED) FOR IIT / JEE, NEET, OUAT, NISER, IISER ASPIRANTS BY EXPERT TEACHERS
AVAIL ATTRACTIVE SCHOLARSHIP BY APPEARING THE SAI GENIUS TEST ON 10/03/2024 (SUNDAY) & 17/03/2024 (SUNDAY)
REGISTRATION OPEN FOR BRIDGE (SUMMER) COURSE
BRIDGE (SUMMER) COURSE STARTS FROM 21/03/2024 (THURSDAY)
N.H.18, TAKATPUR, BARIPADA, MAYURBHANJ, ODISHA
Mob.: 9437177734, 9861844566, 7008539750, 8249717211, 9437121113. 9583122296

# ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କଲେ ସୁଦାମ



**ବାରିପଦା, ୩୦ ।୩(ସମିସ):** ମୟୂରଭଞ୍ଜ ଲୋକସଭା ଆସନରୁ ବିଜେଡି ସାଂସଦ ପ୍ରାର୍ଥୀରୂପେ ସୁଦାମ ମାର୍ଣ୍ଡିଙ୍କ ନାମ ଘୋଷଣା ହେବା ପରେ ସେ ମା' ଅମ୍ବିକା ମନ୍ଦିରରେ ଆଶିଷ ଭିକ୍ଷା କରିଛନ୍ତି । ଶନିବାର ଶତାଧିକ ଦଳୀୟ ସମର୍ଥକ ତଥା ବିଜେଡି କର୍ମକର୍ତ୍ତାଙ୍କ ଗହଣରେ ବାରିପଦା ସ୍ଥିତ ମା' ଅମ୍ବିକା ଓ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପହଞ୍ଚି ପୂଜାର୍ଚ୍ଚନା କରିବା ସହ ଆଶିଷ ଭିକ୍ଷା କରିଛନ୍ତି । ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ବେଳେ ଜନସାଧାରଣଙ୍କ ସମର୍ଥନରେ ବିଜୟ ମୁକୁଟ ପିନ୍ଧିବା ପାଇଁ ଆଶିଷ କାମନା କରିଥିଲେ । ଏଥିସହିତ ବାରିପଦାର ପୋଡାଅସ୍ତିଆ ସମେତ ଅନ୍ୟାନ୍ୟ ସ୍ଥାନରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶୁକ୍ରବାର ସେ ବାରିପଦାରେ ପହଞ୍ଚିବା ପରେ କର୍ମୀ ଓ ସମର୍ଥକ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ସହିତ ସ୍ୱାଗତ ଜଣାଇଥିଲେ । ଶତାଧିକ ଦଳୀୟ ସମର୍ଥକ ତାଙ୍କୁ ବାଇକ୍ ରାଲିରେ ସହର ପରିକ୍ରମା କରିଥିଲେ । ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ମୟୂରଭଞ୍ଜର ସାଂସଦ ପ୍ରାର୍ଥୀ ଭାବରେ ଗୁରୁ ଦାୟିତ୍ୱ ଦେଇଥିବାରୁ ସେ ଧନ୍ୟବାଦ୍ ଦେବା ସହ ସମସ୍ତଙ୍କ ସମର୍ଥନ କାମନା କରିଛନ୍ତି । ଏଥିସହିତ ତାଙ୍କର ସାଂସଦ ଭାବରେ ଥିବା ପୂର୍ବ ଅଭିଜ୍ଞତା ଏବେ କାମରେ ଲାଗିପାରିବ ବୋଲି ସେ କହିଛନ୍ତି । ଏହି ଅବସରରେ ମନ୍ଦିର ପରିସର ତାଙ୍କ ପତ୍ନୀ ରଞ୍ଜିତା ମାରାଣ୍ଡି, ବାରିପଦା ପୌର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବିଜେଡି କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ସମସ୍ତ ୱାର୍ଡ କାଉନସିଲର ସମେତ ଶତାଧିକ ଦଳୀୟ ସମର୍ଥକଙ୍କ ଉତ୍ସାହଭରା ଉପସ୍ଥିତି ଦେଖିବାକୁ ମିଳିଥିଲା ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ 'ପ୍ରଗତି ଉତ୍ସବ'



**କରଞ୍ଜିଆ,୩୦।୩(ସମିସ):** କରଞ୍ଜିଆ ବାଣୀତୀର୍ଥ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ପ୍ରଗତି ଉତ୍ସବର ଆୟୋଜନ କରାଯାଇଥିଲା । ପ୍ରଧାନ ଆଚାର୍ଯ୍ୟ ମଦନ ମୋହନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଗଦେବୀ ଶ୍ରୀ ଶ୍ରୀ ସାରସ୍ୱତୀଙ୍କ ବନ୍ଦନା କରି ଉତ୍ସବକୁ ଉଦଘାଟନ କରିଥିଲେ । ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟଙ୍କ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ ପରେ ସ୍ୱାଗତ ସଙ୍ଗୀତ ଆବାହନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପସଭାପତି ଇଂ ତ୍ରିଲୋଚନ ସେଠୀ, ସଭ୍ୟା ରଂଜିତା ପରାମନିକ, ପୂର୍ବତନ ସମ୍ପାଦକ ପାର୍ଥସାରଥୀ ପାତ୍ର ଯୋଗଦେଇ 'ପ୍ରଗତିପତ୍ର'କୁ ଉନ୍ମୋଚନ କରିଥିଲେ । ଗୁରୁଜୀ ପଙ୍କଜ ମହାନ୍ତ କହିଥିଲେ ଯେ, ଶିକ୍ଷାର ଉନ୍ନତି ଓ ପିଲାଙ୍କୁ ଅଧିକ ଉତ୍ସାହ ପ୍ରଦାନ ଲାଗି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି ବିଦ୍ୟାଳୟରୁ ଅନେକ ଛାତ୍ରଛାତ୍ରୀ କୃତିତ୍ୱ ସହିତ ସଫଳତା ପାଇଁ ଉଚ୍ଚ ପଦ ପଦବୀରେ ରହିଛନ୍ତି । ସେମାନେ ବିଦ୍ୟାଳୟ ର ସୁନାମ ଆଣିପାରିଛନ୍ତି । ତେଣୁ ସେମାନଙ୍କ ଆଦର୍ଶ ଓ ପ୍ରେରଣାକୁ ପାଥେୟ କରି ଆଗକୁ ଯିବା ପାଇଁ ମୁଖ୍ୟ ଅତିଥି ଶ୍ରୀ ଦାସ ଆହ୍ୱାନ ଦେଇଥିଲେ । ସେହିପରି ଇଂ. ସେଠୀ ଛାତ୍ରଛାତ୍ରୀଙ୍କୁ ନିଜର ସ୍ୱପ୍ନକୁ ସଫଳ କରିବା ପାଇଁ ପରିଶ୍ରମ ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ପଙ୍କଜ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା; କିରାଣିଙ୍କୁ ୫ବର୍ଷ ଜେଲ୍



**ବାରିପଦା, ୩୦ ।୩(ସମିସ):** ବାରିପଦା ସ୍ଥିତ ସତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟ ପକ୍ଷରୁ ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ଶନିବାର ରାୟ ପ୍ରକାଶ ପାଇଛି । ସ୍ୱତନ୍ତ୍ର ବିଚାରପତି ଡ. ପ୍ରସନ୍ନ କୁମାର ପଣ୍ଡା ଏହାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଏହା ସହିତ ୨୫ହଜାର ଟଙ୍କା ଜରିମାନା କରିଥିବା ବେଳେ ଅନାଦେୟ ଅଧିକ ୫ମାସର କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି । ଅଭିଯୁକ୍ତ ଜଣକ ହେଲେ ମୟୂରଭଞ୍ଜ ଜିଲ୍ଲାର ବାରିପଦା ଟାଉନ ପ୍ଲାନିଂ କାର୍ଯ୍ୟାଳୟର ପ୍ରାକ୍ତନ କନିଷ୍ଠ କିରାଣୀ ପ୍ରତାପଚନ୍ଦ୍ର କେଶୀ । ସୂଚନା ଅନୁଯାୟୀ, ବାରିପଦା ଟାଉନ ପ୍ଲାନିଂ କାର୍ଯ୍ୟାଳୟର କିରାଣୀ ପ୍ରତାପ କେଶୀଙ୍କ ନାମରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ଏହାକୁ ନେଇ ଗତ ୨୦୧୩ ମସିହାରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଛନ୍ଦି ହୋଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ । ଏନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ ହୋଇଥିଲା । ତାଙ୍କର ବାର୍ଷିକ ଆୟର ୮୮ ପ୍ରତିଶତ ଆୟ ବର୍ହିଭୂତ ସମ୍ପତ୍ତି ମୋଟ ୧୯ଲକ୍ଷ ୩ହଜାର ୯୦୯ଟଙ୍କା ଠାବ ହୋଇଥିଲା । ସାକ୍ଷୀଙ୍କ ବୟାନ ଓ ଭିଜିଲାନ୍ସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି । ସେ ଅବସର ଗ୍ରହଣ କରି ସାରିଥିବା ବେଳେ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କ ପେନସନ୍ ବନ୍ଦ କରିବାକୁ ଓଡିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି । ଏହି ମାମଲାକୁ ସରକାରୀ ଆଇନଜୀବୀ ଶାନ୍ତନୁ କୁମାର ଦାଶ ପରିଚାଳନା କରୁଥିଲେ ।

● ମୟୂରଭଞ୍ଜ ଜିଲ୍ଲାରେ ନିର୍ବାଚନୀ ପ୍ରଚାର ଯାଞ୍ଚ

# ଫ୍ଲାଇଙ୍ଗ ସ୍କ୍ୱାର୍ଡର ବିଭିନ୍ନ ପ୍ରିଣ୍ଟିଂ ପ୍ରେସ୍ ପରିଦର୍ଶନ




**ବାରିପଦା, ୩୦ ।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସ୍ତରରେ ଗଠିତ ହୋଇଥିବା ଫ୍ଲାଇଙ୍ଗ ସ୍କ୍ୱାର୍ଡ ଶନିବାର ଜିଲ୍ଲାର ବିଭିନ୍ନ ସ୍ଥାନ ଗସ୍ତ କରି ବିଭିନ୍ନ ପ୍ରିଣ୍ଟିଂ ପ୍ରେସରେ ନିର୍ବାଚନୀ ପ୍ରଚାର ପାଇଁ ହେଉଥିବା କାର୍ଯ୍ୟ ବିଷୟରେ ତଦାରଖ କରିଛନ୍ତି । ନିର୍ବାଚନ କମିଶନଙ୍କ ଆଦେଶ ଅନୁସାରେ ଜିଲ୍ଲା ସ୍ତରରେ ବିଭିନ୍ନ ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ଗଠିତ ଏହି ଫ୍ଲାଇଙ୍ଗ ସ୍କ୍ୱାର୍ଡ ଆଜି ବିଭିନ୍ନ ନିର୍ବାଚନ କ୍ଷେତ୍ର ପରିଦର୍ଶନ କରି ବଜାରରେ ଥିବା ମୁଖ୍ୟ ପ୍ରିଣ୍ଟିଂ ପ୍ରେସ, ଫ୍ଲେକ୍ସ ବ୍ୟାନର ଡିଜାଇନ ଦୋକାନ, ବିଭିନ୍ନ ଫଟୋ ଷ୍ଟୁଡିଓରେ ନିର୍ବାଚନୀ ପ୍ରଚାର ବାବଦକୁ ହେଉଥିବା କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ । ସୂଚନା ମୁତାବକ, ମୟୂରଭଞ୍ଜ ଜିଲ୍ଲାରେ ମେ ୨୫ ଓ ଜୁନ ୧ ତାରିଖରେ ନିର୍ବାଚନ ହେବ । ତେଣୁ ଏଯାବତ କୌଣସି ବିଶେଷ ସ୍ଥାନରେ ନିର୍ବାଚନୀ ପ୍ରଚାର ପ୍ରିଣ୍ଟିଂ ଆରମ୍ଭ ହୋଇନାହିଁ । ଏହି କାର୍ଯ୍ୟ ଆରମ୍ଭ ହେଲେ ନିର୍ବାଚନୀ ଖର୍ଚ୍ଚ ଯାଞ୍ଚ କମିଟି, ଫ୍ଲାଇଙ୍ଗ ସ୍କ୍ୱାର୍ଡ ରିପୋର୍ଟ ଆଧାରରେ ଏହାର ପୁଙ୍ଖାନୁପୁଙ୍ଖ ତଦାରଖ କରିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି, ନିର୍ବାଚନ କମିଶନଙ୍କ ଆଦେଶ ଅନୁସାରେ ଜଣେ ଆଶାୟୀ ସଂସଦୀୟ ପ୍ରାର୍ଥୀ ନିର୍ବାଚନ ପ୍ରଚାର ପାଇଁ ୯୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାର ପ୍ରାବଧାନ ଥିବାବେଳେ ଜଣେ ବିଧାନସଭା ପ୍ରାର୍ଥୀ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ । ପୂର୍ବରୁ ଏହି ଫ୍ଲାଇଙ୍ଗ ସ୍କ୍ୱାର୍ଡ ଦଳର ସଦସ୍ୟଙ୍କୁ ନେଇ ପ୍ରଶିକ୍ଷଣ ଏବଂ କାର୍ଯ୍ୟକାରିତା ବିଷୟରେ ଅବଗତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ କଡାକଡିଭାବେ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଏହି ପ୍ରଚାର ବାବଦକୁ ହେଉଥିବା ଖର୍ଚ୍ଚକୁ ତଦାରଖ କରିବ ।

■ ମୟୂରଭଞ୍ଜ ଲୋକସଭା ଆସନ ଅନ୍ତର୍ଗତ ବିଧାନସଭା ଆସନ

# ହୋ' ସଂପ୍ରଦାୟରୁ ପ୍ରାର୍ଥୀ କରିବାକୁ ମନୋରଞ୍ଜନଙ୍କ ଦାବି



**ବାରିପଦା, ୩୦ ।୩(ସମିସ):** ଆଦିବାସୀ ହୋ ଭାଷାର ସମ୍ବିଧାନିକ ମାନ୍ୟତା ଦାବିରେ ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଧରି ଆନ୍ଦୋଳନ ହୋଇ ଆସୁଛି । ସେହି କ୍ରମରେ ଓଡ଼ିଶାରେ ହୋ ଭାଷାକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ପାଇଁ ମଧ୍ୟ ଦାବି ହେଉଛି; କିନ୍ତୁ ଏଥିପ୍ରତି କେନ୍ଦ୍ର ସରକାର ଗୁରୁତ୍ୱ ଦେଉ ନାହାନ୍ତି । ଇତିମଧ୍ୟରେ ମୟୂରଭଞ୍ଜ ଲୋକସଭା ଆସନ ନିମନ୍ତେ ନବଚରଣ ମାଝୀ( ବିଜେପି), ସୁଦାମ ମାରାଣ୍ଡି (ବିଜେଡ଼ି) ଏବଂ ଅଞ୍ଜଳୀ ସୋରେନ (ସମ୍ଭାବ୍ୟ ଜେଏମଏମ-କଂଗ୍ରେସ ମେଣ୍ଟ) ପ୍ରାର୍ଥୀ ଘୋଷଣା କରାଯାଇଛି । ଏଥିରୁ ଏହା ସ୍ପଷ୍ଟ ଯେ ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ଲୋକସଭା ପ୍ରାର୍ଥୀ ରୂପେ ସାନ୍ତାଳ ଜାତିକୁ ହିଁ ଅଧିକ ଭରସା କରିଛନ୍ତି; କିନ୍ତୁ ମୟୂରଭଞ୍ଜ ଲୋକସଭା ଆସନ ଅଧୀନ ୭ଟି ବିଧାନସଭା ଆସନ ନିମନ୍ତେ ବିଜେପି, ବିଜେଡ଼ି ଏବଂ ଜେଏମଏମ-କଂଗ୍ରେସ ମେଣ୍ଟ ତରଫରୁ ପ୍ରାର୍ଥୀ ଘୋଷଣା ହୋଇନାହି । ମୟୂରଭଞ୍ଜ ଲୋକସଭା ଅନ୍ତର୍ଗତ ରାଇରଙ୍ଗପୁର, ଯଶିପୁର, ବାଙ୍ଗିରିପୋଷି ଏବଂ ସାରସକଣା ବିଧାନସଭା ଆସନରେ ବହୁଳ ସଂଖ୍ୟାରେ ହୋ ଭାଷାଭାଷୀ ବସବାସ କରନ୍ତି । ବିଧାନସଭା ଇତିହାସକୁ ଦେଖିଲେ ଜଣାଯାଏ ଯେ, ଆଦିବାସୀ ହୋ ଜାତିର ସ୍ୱର୍ଗତ ହରଦେବ ସିଂ ତିରିଆ ରାଇରଙ୍ଗପୁର ଏବଂ ମୋଚିରାମ ତିରିଆ ଯଶିପୁରର ପ୍ରଥମ ବିଧାୟକ ହେବାର ଗୌରବ ଅର୍ଜନ କରିଛନ୍ତି; ମାତ୍ର ଦେଖାଯାଉଛି ଯେ, ଲଗାତାର କେତୋଟି ନିର୍ବାଚନରେ ହୋ ଜାତିକୁ ରାଜନୈତିକ ଅସହିଷ୍ଣୁତା ଶିକାର ହେବାର ପଡିଛି । ରାଜନୈତିକ ଦଳଗୁଡ଼ିକ ହୋ ଭାଷା ଆନ୍ଦୋଳନର ସ୍ୱରକୁ ଚାପି ଦେବାପାଇଁ ପରସ୍ପର ସହିତ ହାତ ମିଳାଇଥିବା ଅଭିଯୋଗ ଆଣିଛନ୍ତି ଅଖିଳ ଭାରତ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ରାଜ୍ୟ ପ୍ରବକ୍ତା ମନୋରଞ୍ଜନ ତିରିଆ । ମୟୂରଭଞ୍ଜ ଲୋକସଭା ଆସନ ନିମନ୍ତେ ପ୍ରାର୍ଥୀ ଚୟନରେ ହୋ ଭାଷାଭାଷୀଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି । ତେବେ ଏହାର ଅଧୀନରେ ଥିବା ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ଚୟନ ଏଯାଏ ଘୋଷଣା ହୋଇନାହିଁ । ପ୍ରମୁଖ ରାଜନୈତିକ ଦଳ ବିଜେପି, ବିଜେଡ଼ି, ଜେଏମଏମ-କଂଗ୍ରେସ ମେଣ୍ଟ ତରଫରୁ ଯଶିପୁର, ରାଇରଙ୍ଗପୁର, ସାରସକଣା ଏବଂ ବାଙ୍ଗିରିପୋଷି ଆସନ ମଧ୍ୟରୁ ସର୍ବନିମ୍ନ ଦୁଇଟି ଲେଖାଏଁ ଆସନରେ ହୋ ଜାତିର ବ୍ୟକ୍ତିବିଶେଷଙ୍କୁ ଦଳୀୟ ପ୍ରାର୍ଥୀ ନିମନ୍ତେ ସୁଯୋଗ ଦେବାକୁ ବିଶିଷ୍ଟ ହୋ ଭାଷା ଆନ୍ଦୋଳନକାରୀ ତଥା ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ରାଜ୍ୟ ପ୍ରବକ୍ତା ମନୋରଞ୍ଜନ ତିରିଆ ଦାବି କରିଛନ୍ତି ।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ନିଶାନ୍ତଙ୍କ ଅର୍ଦ୍ଧ ଶତକ



**ବାରିପଦା, ୩୦ ।୩(ସମିସ):** ମଧୁବନ ମିନି ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିନର ମ୍ୟାଚରେ ଟିମ - ବି ଟିମ - ଡି'କୁ ୭ ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଟିମ - ଡି ୧୬.୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୭ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ରୁଚିକା ମଣ୍ଡଳ ୨୧ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଅନ୍ୱେଷ ଅନିମେଷ ମହାନ୍ତି ୩ ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଟିମ - ବି ୧୬.୩ ଓଭରରେ ୩ଟି ଉଇକେଟ ହରାଇ ୯୮ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ନିଶାନ୍ତ ମିଶ୍ର ୫୦ ରନ କରିଥିବା ବେଳେ ବିପକ୍ଷ ଦଳର ଶୁଭମ ସାନ୍ତରା ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ । ବରିଷ୍ଠ କ୍ରୀଡ଼ାବିତ ଓ କୋଚ କୁମାର ରଞ୍ଜନ ପଣ୍ଡା, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ (ମଣ୍ଟୁ ଦା), କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

# ନାଳରୁ ବୃଦ୍ଧାଙ୍କ ଶବ ଉଦ୍ଧାର

**କୁଳିଅଣା, ୩୦।୩(ସମିସ):** ଚାନ୍ଦୁଆ ଥାନା ଅନ୍ତର୍ଗତ ମୁଣ୍ଡାକଟା ଗ୍ରାମ ନିକଟ ନାଳରୁ ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି । ଘଟଣାରୁ ପ୍ରକାଶ ଯେ ନାଳପାଣିରେ ଜଣେ ବୃଦ୍ଧାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ । ପରେ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା । ମୃତକ ଜଣକ ହେଉଛନ୍ତି ନୋଧନା ଗ୍ରାମପଞ୍ଚାୟତ ସାନସାରାସପୋଷି ଗ୍ରାମର ସାଲଗେ ହାଁସଦା (୬୫) । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ଜଳିଗଲା ୩ ଦୋକାନ; ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



**କରଞ୍ଜିଆ,୩୦।୩ (ସମିସ):** କରଞ୍ଜିଆ ନୂଆ ବଷ୍ଟାଣ୍ଡ ନିକଟରେ ଥିବା ୪ଟି ଦୋକାରେ ନିଆଁ ଲାଗିବାରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି । ଶୁକ୍ରବାର ବିଳମ୍ବିତ ରାତିରେ କୌଣସି କାରଣରୁ ଅନିତା ସେଠୀଙ୍କ ଲେଡ଼ିଜ କର୍ଣ୍ଣର, ଗଣେଶ ପଟ୍ଟନାୟକ ଭେରାଇଟି ଷ୍ଟୋର, ଶରତ ଚନ୍ଦ୍ର ନାୟକ ଭେରାଇଟି ଷ୍ଟୋରରେ ନିଆଁ ଲାଗି ଯାଇଥିଲା । ନିକଟରେ ଶୋଇଥିବା କିଛି ଲୋକ ଏହା ଦେଖିବା ପରେ ଦୋକାନ ମାଲିକଙ୍କୁ ଜଣେଇଥିଲେ । ପରେ କରଞ୍ଜିଆ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ । ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି । ତେବେ ସଟ୍‌ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି ।

## ଓକିଲ ସଂଘ ନିର୍ବାଚନ ଫଳାଫଳ ଘୋଷଣା

# ବିଭୁପ୍ରସାଦ ସଭାପତି ଓ ବିପ୍ଳବ ସମ୍ପାଦକ ନିର୍ବାଚିତ

● ନିର୍ଦ୍ୱନ୍ଦ୍ୱରେ କାର୍ଯ୍ୟକାରୀ ସଦସ୍ୟ ବିଜୟୀ



**ବାରିପଦା, ୩୦ ।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘ ନିର୍ବାଚନ ଶନିବାର ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ପଦ ବ୍ୟତୀତ ଅନ୍ୟ ସବୁପଦରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବା ବେଳେ ୮କାର୍ଯ୍ୟକାରୀ ସଦସ୍ୟ/ସଦସ୍ୟା ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଏ ନେଇ ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ଘୋଷଣା କରିଛନ୍ତି । ସଭାପତି ଭାବେ ବିଭୁପ୍ରସାଦ ଦାସ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ପ୍ରବୀର କୁମାର ବସାଙ୍କୁ ପରାସ୍ତ କରି ପ୍ରଥମ ଭାବେ ସଭାପତି ହୋଇଛନ୍ତି । ସେହିପରି ଉପସଭାପତି ଭାବେ ସୁଜାତା ମିଶ୍ର, ସମ୍ପାଦକଭାବେ ବିପ୍ଳବ ବାରିକ, ଯୁଗ୍ମ ସମ୍ପାଦକ ଭାବେ ସ୍ୱରୂପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ (ପ୍ରଶାସନ) ଭାବେ ପଙ୍କଜ କୁମାର ମହାକୁଡ, ଯୁଗ୍ମ ସମ୍ପାଦକ (ପାଠାଗାର) ଭାବେ ସତ୍ୟନାରାୟଣ ବେହେରା ଏବଂ କୋଷାଧକ୍ଷ ଭାବେ ପଦ୍ମଲୋଚନ ମହାନ୍ତ ନିର୍ବାଚିତ ହୋଇଛନ୍ତି । ନିର୍ବାଚିତ କାର୍ଯ୍ୟକାରୀ ସଦସ୍ୟମାନେ ହେଲେ ଉତ୍ତମ କୁମାର ଦଳବେହେରା, ମାନସ ରଞ୍ଜନ ବେହେରା, ସୁସମିତା ଘୋସାଲ, ଗୌତମ ଶଙ୍କର ରାୟ, ସୁଧାଂଶୁ ଶେଖର ପାଉଲ, ଜ୍ଞାନରଞ୍ଜନ ଜେନା, ସ୍ୱପ୍ନା ମହାନ୍ତି ଓ ଦେବରାଜ ମିଶ୍ର । ଶନିବାର ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା । ଅପରାହ୍ନ ୪ଟାରୁ ଗଣତି ଆରମ୍ଭ ହୋଇଥିଲା ।

■ ଉଦଳା ବାର୍ ଆସୋସିଏସନର ନିର୍ବାଚନ ଫଳାଫଳ

# ଲମ୍ବୋଧର ସଭାପତି ଓ ବସନ୍ତ ସମ୍ପାଦକ ନିର୍ବାଚିତ





**ଉଦଳା:** ପୁଣି ଉଦଳା ଓକିଲ ସଙ୍ଘର ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଲମ୍ବୋଧର ବେହେରା ଓ ସମ୍ପାଦକ ଭାବେ ବସନ୍ତ କୁମାର ପରିଡା ନିଦ୍ୱନ୍ଦ୍ୱର୍ରେ ନିର୍ବାଚିତ ହୋଇଛନ୍ତି । ତେବେ ସମସ୍ତ ପଦବୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଶେଷ ହୋଇଥିବା ବେଳେ ଉପସଭାପତି ଭାବେ ପ୍ରତିମା ସାହୁ, ସହ ସମ୍ପାଦକ ଭାବେ ରବୀନ୍ଦ୍ର ଜେନା, କୋଷାଧକ୍ଷ ଭାବେ ସରୋଜ ପରିଡ଼ା ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ରବୀନ୍ଦ୍ର ସାହୁ, ଦିଲ୍ଲୀପ ବାସ୍କେ, ରାଜକିଶୋର ହେମ୍ବ୍ରମ ଓ ସରୋଜ କୁମାର ଭଞ୍ଜ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ଭାବେ ଅରୁଣ କୁମାର ବାରିକ ପରିଚାଳନା କରିଥିଲେ ।

● କରଞ୍ଜିଆ ଓକିଲ ସଂଘ ନିର୍ବାଚନ ଫଳାଫଳ ଘୋଷିତ

# ପୁଣି ଦିବ୍ୟପ୍ରସାଦ ସାହୁ ସାଧାରଣ ସମ୍ପାଦକ



**କରଞ୍ଜିଆ:** କରଞ୍ଜିଆ ଓକିଲ ସଙ୍ଘ ନିର୍ବାଚନ ଫଳାଫଳ ଘୋଷିତ ହୋଇଛି । ସଭାପତିଭାବେ ବାଞ୍ଛାନିଧି ପୃଷ୍ଟି ଓ ସମ୍ପାଦକ ଭାବେ ଦିବ୍ୟପ୍ରସାଦ ସାହୁ ନିର୍ବାଚିତ ହୋଇଛନ୍ତି । ଆଜି କରଞ୍ଜିଆ କଚେରୀ ପରିସରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ସମୁଦାୟ ୧୩୭ ଜଣ ଓକିଲ ଭୋଟ ଦେଇଥିଲେ । ଉପସଭାପତି ଭାବେ ପଙ୍କଜ ବାସିନୀ ମହାନ୍ତି, ସହସମ୍ପାଦକ ସରୋଜ ରାଉଳଳ କୋଷାଧକ୍ଷ ଭାବେ ବାବୁରାମ ବେଶ୍ରା, କାର୍ଯ୍ୟକାରୀ ସଦସ୍ୟ ଭାବେ ଏମ ଡ଼ି ଫିରଜ୍, ଦୀପକ କୁମାର ପାତ୍ର, ପିପୁନ କୁମାର ସାହୁ, ଖଗେଶ ଚନ୍ଦ୍ର ମହନ୍ତ, ଜିତେନ୍ଦ୍ର କୁମାର ବାରିକ ଓ ମହିଳା ସଦସ୍ୟା ଭାବେ ସୁବର୍ଣ୍ଣ ଧୁଙ୍ଗିଆ ନିର୍ବାଚିତ ହୋଇଛନ୍ତି । କାହ୍ନୁଚରଣ ଗିରି ନିର୍ବାଚନ ପରିଚାଳନା କରିଥିଲେ ।

## ରାସନ ସାମଗ୍ରୀରୁ ବଞ୍ଚିତ ଜୁଆଙ୍ଗ ଜନଜାତି

# ଓଳିଏ ଖାଇଲେ ଓଳିଏ ଉପାସ

ତେଲକୋଇ,୩୦।୩(ସମିସ)




ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଦୁଇ ଆଦିମ ଜୁଆଙ୍ଗ ପରିବାର ରାସନ ସମାଗ୍ରୀ ଯୋଜନାରୁ ବାଦ୍ ପଡି ଅତି ଦୟନୀୟ ଅବସ୍ଥାରେ କାଳ କାଟୁଛନ୍ତି। କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ପୋଡାଙ୍ଗ ପଞ୍ଚାୟତ ଟେଣ୍ଟେଇନାଳି ଗ୍ରାମ ପାକଟସାହିରେ ରହୁଥିବା ଦୁଇ ପରିବାର ସୁରେଶ ଜୁଆଙ୍ଗ ଓ ଦିପୁ ଜୁଆଙ୍ଗ ଏହି ଯୋଜନାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ସୁରେଶ ଜୁଆଙ୍ଗଙ୍କ ପରିବାରରେ ଦୁଇ ଶିଶୁଙ୍କ ସମେତ ଚାରି ଜଣ ସଦସ୍ୟ ରହିଥିବା ବେଳେ ଦିପୁ ଜୁଆଙ୍ଗଙ୍କ ପରିବାରରେ ୪ ଜଣ ଶିଶୁଙ୍କୁ ମିଶାଇ ୬ ଜଣ ସଦସ୍ୟ ରହିଛନ୍ତି। ସଂପୃକ୍ତ ପରିବାର ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଛନ୍ତି। ପେଟକୁ ଆହାର ଯୋଗାଡ କରିବା ବହୁ କଷ୍ଟକର ହେଉଛି। ଓଳିଏ ଖାଇଲେ ଓଳିଏ ଭୋକ ଉପାସରେ ଦିନ କାଟୁଛନ୍ତି। ଅନେକ ଥିଲା ବାଲା ପରିବାର କିମ୍ବା ଅଯୋଗ୍ୟ ହିତାଧିକାରୀ ତଞ୍ଚକତା କରି ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ରାସନ କାର୍ଡ ହାତେଇ ଥିବା ବେଳେ ବିଭିନ୍ନ ସରକାରୀ ଯୋଜନାର ଭରପୁର ଫାଇଦା ଉଠାଉଛନ୍ତି। ଅନ୍ୟପଟେ ଅନେକ ଗରିବ ଓ ଯୋଗ୍ୟ ହିତାଧିକାରୀଙ୍କୁ ଅଣଦେଖା କରାଯାଇଛି। ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ପାଇଁ ସଂପୃକ୍ତ ପରିବାର ସ୍ଥାନୀୟ ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ବହୁବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନାହିଁ ବୋଲି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ସଂପୃକ୍ତ ପରିବାରକୁ ତୁରନ୍ତ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଦୁଇ ବାଇକ ଧକ୍କାରେ ୨ ଗୁରୁତର

**ଆନନ୍ଦପୁର,୩୦।୩(ସମିସ)** ଦୁଇବାଇକମୁହାଁମୁହିଁଧକ୍କାରେ୨ଜଣଗୁରୁତର।କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ସୁଡୁସୁଡିଆ ଠାରୁ ପଞ୍ଚୁପଲ୍ଲୀ ରାସ୍ତାର ସିଂଗସାହି ନିକଟରେ ଟୁକୁଣା ଗ୍ରାମର ସୁଜିତ ମିଶ୍ର(୨୩) ଯୁବକ ବାଇକରେ ଯାଉଥିବା ବେଳେ ଅପରପକ୍ଷରେ ପୁଷ୍କୁରା ବ୍ରହ୍ମନନ୍ଦ ବାରିକଙ୍କ (୪୮) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ପ୍ରଥମେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଛି।

## ହାଟଡ଼ିହୀ ଅଞ୍ଚଳରେ କୁଆପଥର ବୃଷ୍ଟି

**ହାଟଡ଼ିହୀ,୩୦କ୍ଷ୩(ସମିସ):** ଶନିବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଅଚାନକ୍ ପ୍ରକୃତି ତାଣ୍ଡବର ଏକ ଝଲକ୍ ଦେଖାଯାଇଛି। ଦୀର୍ଘ ୧୫ମିନିଟ୍ ଧରି ଅଚାନକ୍ ପ୍ରବଳ ବେଗରେ କୁଆପଥର ବୃଷ୍ଟି ହୋଇଛି। ଯାହା ଫଳରେ ଛକ-ବଜାରର ଖୋଲା ସ୍ଥାନରେ ଠିଆହୋଇ ରହିଥିବା ଅନେକ ବାଇକ୍ ସହ ୪ଚକିଆ ଯାନବାହନ ଗୁଡ଼ିକର କ୍ଷୟକ୍ଷତି ହୋଇଥିବା ଜଣାଯାଇଛି। ଏପରିକି ବୃଷ୍ଟି ହୋଇଥିବା କୁଆପଥରର ଓଜନ ପ୍ରାୟ ସାଢ଼େ ୩ଶହ ଗ୍ରାମ ନେଇ ସୂଚନା ମିଳିଛି। ଉତ୍ତାପପୂର୍ଣ୍ଣ ବାୟୁମଣ୍ଡଳରେ ବର୍ଷା ସହ କୁଆପଥର ବୃଷ୍ଟି ପରିବେଶକୁ ଶାନ୍ତି ଦେଇଥିବା ବେଳେ କିଛିକାଂଶରେ କ୍ଷତି ଘଟାଇଥିବାରୁ ଏଥିରେ ଅନେକ ଅସହାୟ ଓ ଗରିବ ଲୋକ ପ୍ରଭାବିତ ହୋଇଥିବା କୁହାଯାଇଛି।

## ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ମୃତିଚାରଣ ସଭା



**ସୋସୋ, ୩୦।୩(ସମିସ):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତର ମରଚାଇପଦା ଗ୍ରାମର ସନ୍ନ୍ୟାସୀ ଚରଣ ବିଶ୍ୱାଳ ଓ ତାଙ୍କ ଧର୍ମପତ୍ନୀ କବିତା ମଞ୍ଜରୀଙ୍କ ୫ମ ବାର୍ଷିକ ଶ୍ରାଦ୍ଧ ଦିବସ ଅବସରରେ ଏକ ସ୍ମୃତିଚାରଣ ସଭା ଶିଳ୍ପପତି ଅଶୋକ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷା ଡାକ୍ତର ରୀନା ବଳ, ଯୁଗ୍ମ ଶାସନ ସଚିବ ଉଚ୍ଚଶିକ୍ଷା ବିଭାଗର ମିତାରାଣୀ ବିଶ୍ୱାଳ, ଫାଉଣ୍ଡର ପ୍ରଫେସର ଡାକ୍ତର ରାଧାକୃଷ୍ଣ ବିଶ୍ୱାଳ, ଶିକ୍ଷକ ଅନ୍ତର୍ଯ୍ୟାମୀ ରାଉତ, ଜଗୁ ବଳ, ଗୋଲିଆ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଶଙ୍ଖାଳୀ ଚରଣ ରାଉଳ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ମିତ୍ରଭାବେ ନାରାୟଣ ଚନ୍ଦ୍ର ବିଶ୍ୱାଳ, ଶିକ୍ଷକନିଧି ବୈଷ୍ଣବ ଚନ୍ଦ୍ର ପୁହାଣଙ୍କୁ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଅନୁମତି ନଥିବା ସିମେଣ୍ଟରେ ହେଉଛି ରାସ୍ତା କାର୍ଯ୍ୟ



**ସୋସୋ, ୩୦।୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଚେତନା କେନ୍ଦ୍ର ଛକ ନିକଟରେ ସଙ୍କଟପାଲିଆ ଓ ବିଦ୍ୟାଧରପୁର ରାସ୍ତାର ଢଳେଇ ନିର୍ମାଣ ହେଉଛି। କିନ୍ତୁ ଠିକାଦାର ଚତୁରତାର ସହ କାର୍ଯ୍ୟ ଆରମ୍ଭ ଦିନରେ ଉନ୍ନତମାନର ସିମେଣ୍ଟ କାର୍ଯ୍ୟ କରୁଥିବାବେଳେ ଆଜି ଅନୁମତି ନଥିବା ସୋଲିଡି ଏଚ୍‌ଡି ନାମରେ ସିମେଣ୍ଟରେ କାର୍ଯ୍ୟ କରୁଥିଲେ। ଗତକାଲି ହୋଇଥିବା କାର୍ଯ୍ୟର ପାଣି ଦିଆଯାଉନଥିବା ଅଭିଯୋଗ ହେବା ସହ ଅନୁମତି ନଥିବା ସିମେଣ୍ଟରେ କାର୍ଯ୍ୟ କରୁଥିବା ସହକାରୀ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହେବା ପରେ ଯନ୍ତ୍ରୀ ତତ୍‌କ୍ଷଣାତ କାର୍ଯ୍ୟ ହେଉଥିବା ସ୍ଥାନରେ ପହଞ୍ଚି କାର୍ଯ୍ୟକୁ ବନ୍ଦ କରିଥିଲେ। ପାଣି ଠିକ୍ ଭାରେ ଦେବା ସହିତ ଉନ୍ନତମାନର ଓ ଅନୁମତି ଥିବା ସିମେଣ୍ଟକୁ କାର୍ଯ୍ୟ ଲଗାଇବାକୁ ତାଗିଦ୍ କରିଥିଲେ। ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଠିକାଦାରର କାରନାମା ପଦାରେ ପଡିଥିଲା।

## ବିଲ୍ ଆଦାୟ କରିବାକୁ ଯାଇଥିବା ବିଦ୍ୟୁତ କର୍ମଚାରୀଙ୍କୁ ଆକ୍ରମଣ

**ରାମଚନ୍ଦ୍ରପୁର,୩୦ ।୩(ସମିସ):** ବକେୟା ବିଦ୍ୟୁତ ବିଲ ଆଦାୟ କରିବାକୁ ଯାଇଥିବା ବିଦ୍ୟୁତ କର୍ମଚାରୀ ଗ୍ରାହକଙ୍କ ଆକ୍ରମଣର ଶିକାର। ଏପରି ଏକ ଘଟଣା ଘଟିଛି ରାମଚନ୍ଦ୍ରପୁର ବିଦ୍ୟୁତ ସେକ୍ସନ ଅଧୀନ ପଦନପୁର ଗ୍ରାମରେ। ରାମଚନ୍ଦ୍ରପୁର ବିଦ୍ୟୁତ ସେକ୍ସନ ଅଧୀନରେ କାର୍ଯ୍ୟରତ ବିପିନ ବିହାରୀ ମହାରଣା ଏବଂ ବଳରାମ ମଣ୍ଡଳ ଆଜି ସ୍ଥାନିୟ ପଦନପୁର ଗ୍ରାମର ନାରାୟଣ ନାୟକଙ୍କ ଘରକୁ ବକେୟା ବିଦ୍ୟୁତ ବିଲ ଆଦାୟ କରିବାକୁ ଯାଇଥିଲେ। ହେଲେ ପୂର୍ବରୁ ବକେୟା ଥିବା ୧ଲକ୍ଷ ୫୬ ହଜାର ୭୬୬ ଟଙ୍କାରୁ କିଛି ପରିଶୋଧ କରିବାକୁ କର୍ମଚାରୀ କହିଥିଲେ। କିନ୍ତୁ ବକେୟା ବା ବିଚାରଧୀନ ବିଲ ସେ ଆଦୌ ଦେବେନାହିଁ ବୋଲି ରୋକଠୋକ କହିବା ସହ ଦୁହିଁଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ତୁରନ୍ତ ଏଠାରୁ ଯିବାକୁ ଧମକ ଦେଇଥିଲେ ନାରାୟଣ ନାୟକ। ଏହି ସମୟରେ ନାରାୟଣଙ୍କ ଭାଇ କରୁଣାକର ନାୟକ ଏକ ଧାରୁଆ ଅସ୍ତ୍ରରେ ଦୁହିଁଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ସୌଭାଗ୍ୟ ବସତଃ ସେଠାରୁ ଖସି ଆସିବାକୁ ସକ୍ଷମ ହୋଇଥିଲେ। ହେଲେ ଧସ୍ତାଧସ୍ତି ସମୟରେ ଦୁହେଁ ସାମାନ୍ୟ ଆହାତ ହୋଇଥିବା ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ବିଚାର ବିମର୍ଶ ପରେ ଆଜି ଅପରାହ୍ନରେ ରାମଚନ୍ଦ୍ରପୁର ଥାନାରେ ଦୁଇ ବିଦ୍ୟୁତ କର୍ମଚାରୀ ଅଭିଯୋଗ ଦାଖଲ କରିଛନ୍ତି। ପୁଲିସ ୩୦/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ଓକିଲ ସଙ୍ଘ ନିର୍ବାଚନ

### କେନ୍ଦୁଝର: ଆଲୋକ ସଭାପତି, ସଞ୍ଜିତ ସମ୍ପାଦକ



**କେନ୍ଦୁଝର,୩୦।୩(ସମିସ):** ଜିଲ୍ଲା ଓକିଲ ସଙ୍ଘ କେନ୍ଦୁଝରର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। କାଶିତ ଫଳାଫଳ ଅନୁସାରେ ଆଲୋକ କୁମାର ମହାନ୍ତ ଗୁରୁତ୍ୱପୂର୍ଣ୍ଣ ସଭାପତି ପଦବୀରେ ବିଜୟୀ ହୋଇଥିବାବେଳେ ସଞ୍ଜିତ ଦାସ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ବିନିତା ଦାସ ଉପସଭାପତି ନିର୍ବାଚିତ ହୋଇଥିବା ବେଳେ କରୁଣାକର ବ୍ରହ୍ମ, ତରଣୀ ପ୍ରସାଦ ପୋଥାଳ ସହ ସମ୍ପାଦକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବାରୁଣୀ ନାୟକ, ହଳଧର ମହାନ୍ତ, ଯୁଧିଷ୍ଠିର ନାଏକ, ପୂର୍ଣ୍ଣଚନ୍ଦ୍ର ବେଜ ଏବଂ ରାଜେନ୍ଦ୍ର ସାହୁ ନିର୍ଦ୍ୱନ୍ଦ୍ୱରେ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ଜଣାପଡିଛି।

### ବଡ଼ବିଲ: ଗଗନ ସଭାପତି, ପ୍ରଦୀପ ସଂପାଦକ




**ବଡ଼ବିଲ,୩୦।୩(ସମିସ):** ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶ ଅନୁସାରେ ବଡବିଲ ବାର ଆସୋସିଏସନ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ କେବଳ ସମ୍ପାଦକ ପଦ ପାଇଁ ପ୍ରଦୀପ କୁମାର ମହାନ୍ତି ଓ ଅକ୍ଷୟ କୁମାର ଧୀରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଅକ୍ଷୟ କୁମାର ଧୀର ୧୮ ଖଣ୍ଡି ଭୋଟ ପାଇଥିବା ବେଳେ ପ୍ରଦୀପ କୁମାର ମହାନ୍ତି ୩୭ ଖଣ୍ଡ ଭୋଟ ପାଇଁ ବିଜୟୀ ହୋଇଛନ୍ତି। ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ପଦାଧିକାରୀମାନେ ହେଲେ ଗଗନ ବିହାରୀ ଭଙ୍ଗମିଶ୍ର ସଭାପତି, ଧୀରେନ୍ଦ୍ର କୁମାର ଦଳାଇ ଉପସଭାପତି, ହରିଶ୍ଚନ୍ଦ୍ର ବାରୀ ଯୁଗ୍ମସମ୍ପାଦକ, ରମେଶଚନ୍ଦ୍ର କାରୁଆ ସହ ସମ୍ପାଦକ, ମିହିର କୁମାର ନାମତୋଆର କୋଷାଧ୍ୟକ୍ଷ, ଲକ୍ଷ୍ମୀ ଖୁଣ୍ଟିଆ ଗ୍ରନ୍ଥାଗାର ସମ୍ପାଦକ, ସଞ୍ଜୟ କୁମାର ମହାପାତ୍ର ସହ ଗ୍ରନ୍ଥାଗାର ସମ୍ପାଦକ ହୋଇଛନ୍ତି।

### ଆନନ୍ଦପୁର: ଚିତ୍ତରଞ୍ଜନ ସଭାପତି, ଭଗବାନ ସମ୍ପାଦକ




ଆନନ୍ଦପୁର: ଆନନ୍ଦପୁର ଓକିଲ ସଂଘ ନିର୍ବାଚନରେ ସଭାପତି ଭାବେ ଚିତ୍ତରଞ୍ଜନ ଦାଶ, ସମ୍ପାଦକ ଭାବେ ଭଗବାନ ମଲିକ ନିର୍ବାଚିତ ହୋଇଛନ୍ତି। ସେହିପରି କୋଷାଧ୍ୟକ୍ଷ ଭାବେ ଅମୀୟ ରଞ୍ଜନ ଜେନା ନିର୍ବାଚିତ ହୋଇଥିବା ଜଣାଯାଇଛି। ୧୮୪ ସଦସ୍ୟ ବିଶିଷ୍ଟ ଆନନ୍ଦପୁର ଓକିଲ ସଂଘ ନିର୍ବାଚନରେ ଆଜି ୧୬୭ଜଣ ସଦସ୍ୟ ମତଦାନ କରିଥିଲେ। ସଭାପତି ପ୍ରାର୍ଥୀ ଚିତ୍ତରଞ୍ଜନ ଦାଶ ୮୨ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ଦୟାନିଧି ଦାଶ ୮୧ଖଣ୍ଡ ଭୋଟ ଓ କୁଳମଣି ସେଠୀ ମାତ୍ର ଖଣ୍ଡିଏ ଭୋଟ ପାଇଥିଲେ। ସମ୍ପାଦକ ପଦ ପାଇଁ ଭଗବାନ ମଲିକ ୧୦୭ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦି ଭୁବନେଶ୍ୱର ଜେନା ୫୬ଖଣ୍ଡ ଭୋଟ ପାଇଥିଲେ। ଏଥି ସହିତ କୋଷାଧ୍ୟକ୍ଷ ଭାବେ ଅମୀୟ ଜେନା ୯୩ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ଅଶୋକ ରାଉଳ ୬୮ ଖଣ୍ଡ ଭୋଟ ପାଇଥିଲେ। ପୂର୍ବରୁ ଏହି ନିର୍ବାଚନରେ ଉପସଭାପତି ଭାବେ ହେମରଞ୍ଜନ ବେହେରା, କାର୍ଯ୍ୟକାରୀ ସଦସ୍ୟ ଭାବେ ଶୈଳେଶ ପଟ୍ଟନାୟକ, ଜୁମର ସିଂ ମହାନ୍ତି, କହ୍ନେଇ ଚରଣ ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଆଜିର ନିର୍ବାଚନକୁ ଆଇନୀଜୀବୀ ରାମଚନ୍ଦ୍ର ପାତ୍ର ପ୍ରଶାନ୍ତ କୁମାର ମହାନ୍ତି ଶିବଚରଣ ସାହୁ, ହରିହର ଧଡ଼ା ପ୍ରତାପ କର ଜିତେନ୍ଦ୍ର ଦାଶ ପ୍ରମୁଖ ପରିଚାଳନା କରିଥିଲେ।

## ବାଲିପାଳରେ ମିଳୁନି ପାନୀୟ ଜଳ

# ଶହେରୁ ଊର୍ଦ୍ଧ୍ୱ ପରିବାର ହନ୍ତସନ୍ତ



ଆନନ୍ଦପୁର,୩୦।୩(ସମିସ): ଉପଯୁକ୍ତ ଆକଳନ ଓ ଦୂରଦୃଷ୍ଟି ଅଭାବରୁ ଜଳଯୋଗାଣ ବ୍ୟବସ୍ଥା ଅନେକ ଜାଗାରେ କେତେକାଂଶରେ ସଫଳ ହେଉନଥିବା ଗୁରୁତର ଅଭିଯୋଗ ହୋଇଛି। ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏହି ଯୋଜନା କରାଯିବା ପରିବର୍ତ୍ତେ ମନମାନିରେ କରାଯାଉଥିବାରୁ ଗ୍ରାମାଞ୍ଚଳର ଅନେକ ସ୍ଥାନରେ ପିଇବା ପାଣି ପହଞ୍ଚି ପାରୁନଥିବା ସଂଗୀନ ଅଭିଯୋଗ ହୋଇଛି। ଏପରି ବ୍ୟତିକ୍ରମ ପରିଲକ୍ଷିତ ହୋଇଛି ଘସିପୁରା ବ୍ଲକର ବାଲିପାଳ ଗ୍ରାମରେ। ଦରଡିପାଳ ପଞ୍ଚାୟତର ବାଲିପାଳ ଓ ମଙ୍ଗଳପୁର ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ମଙ୍ଗଳପୁରଠାରେ ଏକ ଓଭରହେଡ୍ ଟ୍ୟାଙ୍କ ନିର୍ମାଣ କରାଯାଇଛି। ସେହି ଟାଙ୍କିରୁ ଜଳ ଯୋଗାଣ କରାଯାଉଥିଲେ ମଧ୍ୟ ଏହା ବାଲିପାଳ ଗ୍ରାମର ମଝିସାହି ଓ ତଳ ସାହିରେ ପାଣି ପହଞ୍ଚି ପାରୁନଥିବାରୁ ଅଞ୍ଚଳବାସୀଙ୍କ ଜଳକଷ୍ଟ ଏବେ ଦୁର୍ବିସହ ହୋଇପଡିଲାଣି। ଗତ ୩ ମାସ ଧରି ଏହି ସମସ୍ୟା ଲାଗି ରହିଥିବାରୁ ଦୁଇ ସାହିର ପ୍ରାୟ ଶହେରୁ ଉର୍ଦ୍ଧ୍ୱ ପରିବାର ନାହିଁ ନଥିବା ହୀନସ୍ତା ଭୋଗ କରୁଛନ୍ତି। ଏନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗରେ ଅଭିଯୋଗ କରାଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଏହି ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ବାଲିପାଳ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସହରଠୁ ଆରମ୍ଭ କରି ଗାଁ ଗହଳିର ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟରେ ଆରମ୍ଭ କରିଥିବା ଯୋଜନା ଉପଯୁକ୍ତ ତଦାରଖ ଅଭାବରୁ ସାଧାରଣ ଲୋକେ ଏହାର ସୁଫଳ ପାଉନଥିବା ଚିନ୍ତାର କାରଣ ହୋଇଛି। ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ଆରମ୍ଭ ହୋଇଥିବା ଏହି ଜଳକଷ୍ଟରେ ହନ୍ତସନ୍ତ ହେଉଛନ୍ତି ଏହି ଗ୍ରାମବାସୀ। ନୀତି ପ୍ରତିଦିନ ଚଳଣୀ ପାଇଁ ପାଣିର ଅଭାବ ଯୋଗୁ ଦୂରରେ ଥିବା ନାଳରୁ ପାଣି ସଂଗ୍ରହ କରିବା ଅତ୍ୟନ୍ତ କଷ୍ଟକର ହୋଇପଡିଛି। ପ୍ରତିଦିନ ସକାଳୁ ପରିବାରର ମହିଳାମାନେ ଗରାକଳସୀ ନେଇ ପାଣି ଟ୍ୟାପ ନିକଟକୁ ଯାଉଥିଲେ ମଧ୍ୟ ପାଣି ଆସୁନଥିବାରୁ ହନ୍ତସନ୍ତ ହେଉଛନ୍ତି ଏହି ଗ୍ରାମର ମହିଳାମାନେ। ଏଣୁ ପ୍ରଶାସନ ପକ୍ଷରୁ ଏହି ଜଳକଷ୍ଟ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀମାନେ ଦାବି ଜଣାଇଛନ୍ତି।

## ମହିଳାଙ୍କ ପରଲୋକ

**ଆନନ୍ଦପୁର,୩୦।୩(ସମିସ):** ସ୍ଥାନୀୟ ବଞ୍ଚୋ ଗ୍ରାମର ମହିୟସୀ ମହିଳା ଚମ୍ପାବତୀ ବେହେରାଙ୍କର ୮୦ ବର୍ଷରେ ପରଲୋକ ହୋଇଯାଇଛି। ଉକ୍ତ ଗ୍ରାମର ସ୍ୱର୍ଗତ ବୈକୁଣ୍ଠନାଥ ବେହେରାଙ୍କ ସ୍ତ୍ରୀ ଚମ୍ପାବତୀ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ହୋଇ ଘରୋଇ ଭାବେ ଚିକିତ୍ସିତ ହେଉଥିଲେ। ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଖବର ପାଇ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବଞ୍ଚୋ ସ୍ଥିତ ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୃତ୍ୟୁବେଳକୁ ପୁଅ ସତ୍ୟନାରାୟଣ, ଜୋଇଁ ଦୁର୍ଗାଚରଣ, ବୋହୂ, ଝିଅ ଓ ନାତୀନାତୁଣୀ ଉପସ୍ଥିତ ଥିଲେ।



## ଯୁବ ସଂଗଠକ ଅଜୟ ଦାସଙ୍କ ହୃଦ୍‌ଘାତରେ ପରଲୋକ



ରାମଚନ୍ଦ୍ରପୁର,୩୦ ।୩(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଗଡବାନ୍ଧଗୋଡା ଗ୍ରାମର ଆଗ ଧାଡିର ଯୁବ ସଂଗଠକ ତଥା ଜଣାଶୁଣା ପରୋପକାରୀ ବ୍ୟକ୍ତି ଅଜୟକୁମାର ଦାସ (୫୮)ଙ୍କର ଆଜି ଅପରାହ୍ନ ସାଢେ ୩ଟା ସମୟରେ ହୃଦ୍‌ଘାତରେ ପରଲୋକ ଘଟିଛି। ଆଜି ଅପରାହ୍ନରେ ବାସଭବନର ହଠାତ ହୃଦ୍‌ଘାତର ଶିକାର ହୋଇଥିଲେ। ପରିବାର ଲୋକେ ସ୍ଥାନୀୟ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ଡାକ୍ତର ଅଜୟଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖବର ପାଇ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ରାଜ୍ୟ ବିଜେଡି ଉପସଭାପତି ସୌମ୍ୟଶଙ୍କର ଚକ୍ର, ବ୍ଲକ କଂଗ୍ରେସ ସଭାପତି ସୁବ୍ରତକୁମାର ଚକ୍ର, ସମାଜସେବୀ ଡ. ରତିକାନ୍ତ ବରାଳ, ଯୁବ ସଂଗଠକ ଦେବାଶିଷ ପାତ୍ର, ଜିଲ୍ଲା ଯାଦବ ସଂଘ ସଭାପତି ପ୍ରଦିପ ବାରିକ, ଉପଦେଷ୍ଟା ନୃସିଂହ ଦାସ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ଅମୂଲ୍ୟ ବାରିକ ସମେତ ଅନେକ ଗଣମାନ୍ୟ ବ୍ୟକ୍ତି ତାଙ୍କ ଗଡବାନ୍ଧଗୋଡା ସ୍ଥିତ ବାସଭବନର ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅଜୟଙ୍କ ମୃତ୍ୟୁରେ ସାନ ଭାଇ ରବିନ୍ଦ୍ର ଏବଂ ଅଶୋକ ଦୁଃଖରେ ମ୍ରିୟମାଣ ହୋଇ ପଡିଛନ୍ତି। ଅଜୟ ଜଣେ ଆଗଧାଡିର ସଂଗଠକ ଭାବେ ଗ୍ରାମର ବିଭିନ୍ନ ସାଂସ୍କୃତିକ, ଆଧ୍ୟାତ୍ମିକ ତଥା ସାମାଜିକ ଅନୁଷ୍ଠାନରେ ସକ୍ରିୟ ଭାବେ ଜଡିତ ରହିଥିଲେ। ତାଙ୍କ ମର ଶରିରକୁ ଗ୍ରାମ ପରିକ୍ରମା କରାଯିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ କାହ୍ନା ମୁଖାଗ୍ନି ଦେଇଥିଲେ।

## କ୍ଲଷ୍ଟରସ୍ତରୀୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



**ସୋସୋ, ୩୦।୩(ସମିସ):** ହାଟଡିହୀ ବ୍ଲକର ପଢିଆରିପଲ୍ଲି କ୍ଲଷ୍ଟର ତରଫରୁ ପଢିଆରିପଲ୍ଲି ନୋଡାଲ ବିଦ୍ୟାଳୟରେ ଅନ୍ଧାରି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭଗବାନ ନାୟକ ଓ ଜଡାବାଙ୍କ ଏମ୍‌ଇ ବିଦ୍ୟାଳୟର ଶିକ୍ଷକ ରବି ନାରାୟଣ ଦାସଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଖଇରା କଲେଜର ଇଂରାଜୀ ଅଧ୍ୟାପକ ବନମାଳି ବାରିକ, ସରପଞ୍ଚ ଅଜିତ କୁମାର ରାଉତ, ହରିପୁର ହାଇସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ଜେନା, ପଢିଆରିପଲ୍ଲୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ରାଉତ, ସିଆର୍‌ସିସି ରବିନାରାୟଣ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିବା ବେଳେ ଶିକ୍ଷକ ଅଭିମନ୍ୟୁ ବେହେରା ସଂଯୋଜନା କରିଥିଲେ।ଏଥିରେ ଆରତିଲତା ସ୍ୱାଇଁ, ଜିତେନ୍ଦ୍ର ବେହେରା, ଜଗନ୍ନାଥ ବେହେରା, ଜଗନ୍ନାଥ ସାହୁ, ବନମାଳି ଦାସ, ବବିତା ସାହୁ, ସୁଜିତା, ସୋପାଲିସା ମୁଦୁଲି, ଭାଗ୍ୟଶ୍ରୀ ବାରିକ୍, ବିଶ୍ୱଜିତା ରାଉତ, ଲିପ୍ସାମୁଦ୍ରା ସାହୁ, ଧରିତ୍ରୀ ରାଣି ବେହେରା, ବସନ୍ତ କୁମାର ପୃଷ୍ଟି, ସତ୍ୟଭମା ମିଶ୍ର, ମାଧବ ଘଡେଇ, ନାରାୟଣ ମଲ୍ଲିକ ପ୍ରମୁଖ କ୍ଲଷ୍ଟରସ୍ତରୀୟ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।

## ଯୁବକଙ୍କୁ ତଣ୍ଟି ଚିପି ହତ୍ୟା ଅଭିଯୋଗ

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ତାତିଲେ ଅଞ୍ଚଳବାସୀ

ବଡ଼ବିଲ, ୩୦।୩(ସମିସ)



କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ୧୨ନଂୱାର୍ଡରୁ ଗତ ବୁଧବାର ଗୁରୁତୁର ଅବସ୍ଥାରେ ଉଦ୍ଧାର ହୋଇଥିବା ଯୁବକଙ୍କୁ ଡାକ୍ତର ମୃତ ଘୋଷଣା କଲା ପରେ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଥିଲା। ତେବେ ଚାରି ଦିନ ବିତିଗଲା ପରେ ବି ଅଭିଯୁକ୍ତମାନଙ୍କ ଗିରଫ କରାଯାଉ ନ ଥିବାରୁ ଉକ୍ତ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ଖବର ଅନୁଯାୟୀ, ଗତ ୨୬ ତାରିଖ ଷ୍ଟେସନରୋଡ଼ ଅଞ୍ଚଳର ଜେନା ଶୁଣ୍ଡିଙ୍କ ୩୫ ବର୍ଷର ପୁଅ ରାଜେଶ ଶୁଣ୍ଡି ବାପାଙ୍କ ଠାରୁ ଅଲଗା ହୋଇ ନିକଟରେ ଏକ ଭଡ଼ାଘରେ ତାଙ୍କର ଦ୍ୱିତୀୟ ସ୍ତ୍ରୀ ଓ ଶାଶୁଙ୍କ ସହିତ ରହିଆସୁଥିଲେ। ଗତ ୨୬ ତାରିଖ ହୋଲି ଖେଳିବା ପାଇଁ ସାଙ୍ଗମାନଙ୍କ ସହିତ ରାଜେଶ ଷ୍ଟେସନ ଆଡକୁ ଯାଇଥିଲେ। ଅପରାହ୍ନ ୧ ଘଟିକା ସମୟରେ ଘରକୁ ଫେରିଥିଲେ ଓ ଫେରିବାର ମାତ୍ର ଅଧଘଣ୍ଟା ପରେ ସେ ଗୁରୁତର ହୋଇପଡିଥିଲେ। ଗୁରୁତର ରାଜେଶଙ୍କୁ ବଡ଼ବିଲ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏ ନେଇ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ ହେବା ପରେ ବଡ଼ବିଲ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଚୁପ ବସିଥିଲା। ତେବେ ଚାରି ଦିନ ପରେ ଆଜି ଅପରାହ୍ନରେ ଘଟଣାସ୍ଥଳକୁ ତଦନ୍ତ ପାଇଁ ଯାଇଥିବା ବେଳେ ଉକ୍ତ ଅଞ୍ଚଳର ପ୍ରାୟ ତିନି ଶହରୁ ଉର୍ଦ୍ଧ୍ୱ ମହିଳା ପୁଲିସକୁ ଘେରି ଆସନ୍ତାକାଲି ସୁଦ୍ଧା ଅଭିଯୁକ୍ତ ଦ୍ୱିତୀୟ ପତ୍ନୀ ଓ ତାଙ୍କର ସହଯୋଗୀଙ୍କୁ ଗିରଫ ନ କଲେ ସୋମବାର ଠାରୁ ଷ୍ଟେସନ ରୋଡକୁ ବନ୍ଦ କରିବାକୁ ଧମକ ଦେବା ସହ ପୁଲିସକୁ ସେଠାରୁ ତଡି ଦେଇଥିଲେ। ତେବେ ଅଭିଯୁକ୍ତ ମହିଳାଙ୍କ ଭାଇ ପୁଲିସ ଗାଡ଼ି ଚଳାଉଥିବାରୁ ପୁଲିସ ଜାଣିଶୁଣି ସେମାନଙ୍କୁ ଗିରଫ କରୁନଥିବା ମହିଳାମାନେ ଅଭିଯୋଗ କରିଛନ୍ତି।

## ଲୋକସଭା ପ୍ରାର୍ଥୀ ସୁଦାମ ମାର୍ଣ୍ଡିଙ୍କୁ ବିଶୋଇରେ ସ୍ୱାଗତ ସମ୍ବର୍ଦ୍ଧନା

# ‘ଲୋକଙ୍କ ସ୍ୱରକୁ ସଂସଦରେ ଉପସ୍ଥାପନ କରିବି’

ବିଶୋଇ, ୩୦।୩ (ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରାର୍ଥୀଭାବେ ସୁଦାମ ମାର୍ଣ୍ଡିଙ୍କ ନାମ ଘୋଷଣା କରିବାପରେ ବିଜେଡି କର୍ମୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ଶନିବାର ଶ୍ରୀ ମାର୍ଣ୍ଡିଙ୍କୁ ବିଶୋଇରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଛି। ଆଜି ଅପରାହ୍ନ ସମୟରେ ଶ୍ରୀ ମାର୍ଣ୍ଡି ଓ ସାରସକଣା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଦେବାଶିଷ ମହାନ୍ତି ବିଶୋଇ ବ୍ଲକଛକରେ ପହଞ୍ଚିବା ପରେ ବିଜେଡି ଦଳୀୟ କର୍ମୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ବିଶୋଇ ବ୍ଲକ ଛକରୁ ଦଳୀୟ ଶତାଧିକ କର୍ମୀ ବିର୍ସା ମୁଣ୍ଡା ଛକ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସେଠାରେ ଶ୍ରୀ ମାର୍ଣ୍ଡି ସମେତ ଅନ୍ୟ ଦଳୀୟ କର୍ମୀମାନେ ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସୁଦାମଙ୍କ ଆଗମନକୁ ନେଇ ବିଜେଡିର କର୍ମୀମାନଙ୍କ ମଧ୍ୟରେ ନୂଆ ଉନ୍ମାଦନା ଦେଖିବାକୁ ମିଳିଥିଲା। ଏହି ଅବସରରେ ଶ୍ରୀ ମାର୍ଣ୍ଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇବା ସହିତ ବିକାଶ ପାଇଁ ଅନବରତ କାର୍ଯ୍ୟ କରୁଥିବା ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତି ଆସ୍ଥା ପ୍ରକଟ କରି ମୟୂରଭଞ୍ଜ ସାଂସଦ ପ୍ରାର୍ଥୀ ଭାବେ ଟିକେଟ ପ୍ରଦାନ କରିଛନ୍ତି ବୋଲି କହିଥିଲେ। ସାଧାରଣ ଲୋକଙ୍କ ସ୍ୱରକୁ ସଂସଦରେ ଉପସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବିକାଶ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ପାଇଁ ନିର୍ବାଚନ ଲଢ଼ିବେ ବୋଲି ଶ୍ରୀ ମାର୍ଣ୍ଡି କହିଛନ୍ତି। ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଆଶୀର୍ବାଦ ନିଶ୍ଚିତ ଭାବେ ତାଙ୍କୁ ସମର୍ଥନ ଜଣାଇ ଆଗାମୀ ନିର୍ବାଚନରେ ତାଙ୍କୁ ବିପୁଳମାତ୍ରାରେ ଭୋଟ ଦେଇ ସଂସଦକୁ ପଠାଇବେ ବୋଲି ତାଙ୍କର ବିଶ୍ୱାସ ରହିଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ବିଶୋଇ ବ୍ଲକ ବିଜେଡି ସଭାପତି ଫାଗୁରାମ ମାର୍ଣ୍ଡି, ବ୍ଲକ ଅଧ୍ୟକ୍ଷା ତୁଳସୀ ସିଜ୍ରି ହାଁସଦା, ବ୍ଲକ ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ବ୍ଲକ କାର୍ଯ୍ୟକାରୀ ସଭାପତି କ୍ଷିରୋଦ କୁମାର ନନ୍ଦ, ମହିଳା ସଭାପତି ଆରତୀ ମହାନ୍ତ, ଛାତ୍ର ସଭାପତି ସଚିନ୍ଦ୍ର ମହାନ୍ତ, ଯୁବ ସଭାପତି ସୁନୀଲ ମହାପାତ୍ର, ମୟୂରଭଞ୍ଜ - ୨ ଜିଲ୍ଲା ସାଧାରଣ ସମ୍ପାଦକ ବୁଦ୍ଧିମାନ ମଣ୍ଡଳ, ବ୍ଲକ କାର୍ଯ୍ୟକାରୀ ସଦସ୍ୟ ଉତ୍କଳ ରଞ୍ଜନ ମହାନ୍ତି, ଚନ୍ଦ୍ରିକା ମହାନ୍ତି, କଳ୍ପନା ମହାନ୍ତ, ଏସ୍.ଡି.ସି ସଦସ୍ୟ ଚାନ୍ଦ୍ରାୟ ସୋରେନ, ବ୍ଲକ ସଂଯୋଜକ ବିରଞ୍ଚି ନାରାୟଣ ନନ୍ଦ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।




## ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ମାତୃ ସମ୍ମିଳନୀ




ବାରିପଦା, ୩୦।୩(ସମିସ): ତକତପୁର ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ପରିଚାଳନା କମିଟିର ସଭାପତି ଡ଼ା ଆଦିତ୍ୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହେବା ସହିତ ଛାତ୍ରଛାତ୍ରୀମାନଙ୍କ ବାର୍ଷିକ ପରୀକ୍ଷା ଫଳ ପ୍ରକାଶିତ ହୋଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଜୟନ୍ତ କୁମାର ଦାସ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉପସ୍ଥିତ ଅଭିଭାବିକା ତଥା ମାଆମାନେ ନିଜ ନିଜ ମନ୍ତବ୍ୟ ମାଧ୍ୟମରେ ଅନୁଷ୍ଠାନର ଶିକ୍ଷାଦାନ ଓ ଶୃଙ୍ଖଳିତ ପରିବେଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଚାଳନା କମିଟି ସଭାପତି ଡ଼ା ପଣ୍ଡା ପିଲାମାନଙ୍କ ପ୍ରତି ମାଆମାନଙ୍କ ଦାୟିତ୍ୱ ଓ ଗୁରୁଜୀ ଗୁରୁମା'ଙ୍କ କର୍ତ୍ତବ୍ୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ପିଲାମାନେ ଶୃଙ୍ଖଳିତ ଢଙ୍ଗରେ ଅଧ୍ୟୟନ କରୁଥିବାରୁ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ଏବଂ ବିଭିନ୍ନ ବୃତ୍ତି ପରୀକ୍ଷାରେ ମଧ୍ୟ ଅଧିକାଂଶ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେଉଛନ୍ତି ବୋଲି ବରିଷ୍ଠ ଗୁରୁଜୀ ମୁକ୍ତିକାନ୍ତ ନାୟକ ମତ ପୋଷଣ କରିଥିଲେ। ପରିଚାଳନା କମିଟିର ସାଧାରଣ ସମ୍ପାଦକ କାର୍ତ୍ତିକଚନ୍ଦ୍ର ନାୟକ, ସଭ୍ୟ ସରୋଜ କୁମାର ଦାସ, ଉପେନ୍ଦ୍ର ସାମଲ ଓ ଡ଼ା ଭାଗବତ ମହାନ୍ତ ଉନ୍ନତ ଓ ଗୁଣାତ୍ମକ ଶିକ୍ଷା ଦାନ ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଗୁରୁଜୀ ରବିନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ଅଟୋ; ଜଣେ ଆହତ

ବାରିପଦା, ୩୦।୩(ସମିସ): ବାରିପଦା ସହରର ବାଘରାରୋଡ ଜଗଦ୍ଧାତ୍ରୀ ସିନେମା ହଲ ସମ୍ମୁଖ ରାସ୍ତାରେ ଭାରସାମ୍ୟ ହରାଇ ଏକ ଯାତ୍ରୀବାହୀ ଅଟୋ ଓଲଟି ପଡ଼ିଛି। ଫଳରେ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଶନିବାର ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଶିରିଶବଣୀ ଅଞ୍ଚଳର ରଘୁନାଥ ବେସ୍ରା (୫୫) ୫ ଜଣ ଯାତ୍ରୀଙ୍କୁ ନେଇ ଏକ ଅଟୋରେ ଫେରୁଥିଲେ। ଅଟୋଟି ବସଷ୍ଟାଣ୍ଡ ପଟକୁ ଯାଉଥିବାବେଳେ ଜଗଦ୍ଧାତ୍ରୀ ସିନେମା ହଲ ସମ୍ମୁଖରେ ଅପରାହ୍ନ ପ୍ରାୟ ୨.୩୦ ସମୟରେ ଓଲଟି ପଡ଼ିଥିଲା। ସମ୍ମୁଖରେ ହମ୍ପସ୍ ଦେଖି ହଠାତ୍ ବ୍ରେକ ମାରିବାରୁ ଅଟୋଟି ରାସ୍ତା ଉପରେ ଓଲଟିଲା ପଡ଼ିଥିଲା। ତେବେ ଏଥିରେ କାହାର କିଛି କ୍ଷତି ହୋଇନଥିବାବେଳେ ଜଣେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରିଥିଲେ। ପୁଲିସ ଘଟଣାର ତଦନ୍ତ କରୁଛି।

## ପାରିବାରିକ ବିବାଦରୁ ମାର୍‌ପିଟ୍; ମହିଳା ଗୁରୁତର

ରାଇରଙ୍ଗପୁର, ୩୦।୩(ସମିସ): ବହଲଦା ଥାନା ଅଞ୍ଚଳ ଡକଡ଼ିହା ଗାଁରେ ପାରିବାରିକ ବିବାଦକୁ ନେଇ ମାରପିଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମାରପିଟରେ ଜଣେ ମହିଳା ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ମହିଳା ହେଉଛନ୍ତି ସାଗି ନାଏକ (୪୦)। ତାଙ୍କ ପ୍ରଥମେ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପରେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମହିଳାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିବାରୁ ବାରିପଦା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ମହିଳାଙ୍କ ପରିବାର ପକ୍ଷରୁ ବହଲଦା ଥାନାରେ ଲିଖିତ ଅଭିଯୋଗ ହୋଇଛି।

## ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ; ଥାନାରେ ମାମଲା

ରାଇରଙ୍ଗପୁର/ତିରିଂ, ୩୦।୩(ସମିସ): ତିରିଂ ଥାନା ଅଞ୍ଚଳ ଲୁପୁଂ ଗାଁର ରୂପାଏ ଟୁଡୁଙ୍କ ପୁଅ ସାକିଲା ଟୁଡୁ ଶନିବାର ସକାଳେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତିରିଂ ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସାକିଲା ଜାମଦା ହାଇସ୍କୁଲରେ ନବମ ଶ୍ରେଣୀରେ ପାଠ ପଢୁଥିଲେ।

## ରାଇରଙ୍ଗପୁର ବ୍ଲଡ୍ ବ୍ୟାଙ୍କରେ ରକ୍ତ ଅଭାବ

ରାଇରଙ୍ଗପୁର, ୩୦।୩(ସମିସ): ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖାଯାଇଛି। ବିଗତ ପ୍ରାୟ ତିନି ମାସଠାରୁ ରକ୍ତ ଭଣ୍ଡାରରେ କୌଣସି ଗ୍ରୁପର ରକ୍ତ ଉପଲବ୍ଧ ନାହିଁ। ଫଳରେ ଗରିବ ଲୋକେ ରକ୍ତ ଅଭାବ ଥିବା ରୋଗୀମାନଙ୍କ ଚିକିତ୍ସା ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ରକ୍ତ ଆବଶ୍ୟକ ରହିଥିବା ରୋଗୀମାନଙ୍କୁ ଉପଖଣ୍ଡ ଚିକିତ୍ସାଳୟରୁ ତୁରନ୍ତ ବାରିପଦା ବଡ଼ ମେଡ଼ିକାଲକୁ ରେଫର କରି ଦିଆଯାଉଅଛି। ଉପଖଣ୍ଡ ଚିକିତ୍ସାଳୟ ରକ୍ତ ଭଣ୍ଡାର ରିକ୍ତ ରହିଥିବାରୁ କର୍ତ୍ତୃପକ୍ଷ ସ୍ଥାନୀୟ ସମାଜସେବୀଙ୍କୁ ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ନିବେଦନ କରିଛନ୍ତି।

## ଗୋଡ଼ାସାହିରେ ୨୪ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଖୁଣ୍ଟିଂ, ୩୦।୩(ସମିସ): ଶୁକୁଳି ବ୍ଲକ ଅନ୍ତର୍ଗତ କୁସୁନପୁର (ଗୋଡ଼ାସାହି)ଠାରେ ଗତ ୨୭ ତାରିଖରେ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୂଆସାହି (ବାଙ୍ଗିରିପୋଷି), ବିନିନ୍ଦା (କେନ୍ଦୁଝର), ଧାତିଙ୍ଗବଣ (ଝୁମ୍ପୁରା), ଦିକୁବାଲକାଣ୍ଡ (ଝାଡ଼ଖଣ୍ଡ), ଭୀମପଡ଼ା (ପାଟଣା) ଓ କୁସୁନପୁର (ଗୋଡ଼ାସାହି)ର ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ। ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସମାବେଶ ହୋଇଥିଲା। ଉଦଯାପନ ଦିବସରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ରାଧା କୃଷ୍ଣବେଶ ଧାରଣ କରି ନୃତ୍ୟ କରିବା ସହିତ ନାମ ସଂକୀର୍ତ୍ତନ କରି ନଗର ପରିକ୍ରମା କରିଥିଲେ। ସମଗ୍ର ଗ୍ରାମରେ ଏକ ଅଭୂତପୂର୍ବ ଆଧ୍ୟାତ୍ମିକ ପରିବେଶ ପରିଲକ୍ଷିତ ହୋଇଥିଲା।

## ଡା. ଶିବାନନ୍ଦ ମହାନ୍ତିଙ୍କ ପତ୍ନୀ ସୁସ୍ମିତାଙ୍କ ପରଲୋକ

ବାରିପଦା, ୩୦।୩(ସମିସ): ବାରିପଦା ସହରର ପ୍ରଫୁଲ୍ଲନଗର ନିବାସୀ ଜଣାଶୁଣା ବରିଷ୍ଠ ଶଲ୍ୟବିଶେଷଜ୍ଞ ଡାକ୍ତର ଶିବାନନ୍ଦ ମହାନ୍ତିଙ୍କ ପତ୍ନୀ ସୁସ୍ମିତା ମହାନ୍ତି(୫୪)ଙ୍କ ମୁମ୍ବାଇଠାରେ



ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଡାକ୍ତର ମହାନ୍ତି, ଝିଅ ଡା.ଶିଲ୍ ମହାନ୍ତି, ପୁତ୍ର ସାତ୍ତ୍ୱିକ ମହାନ୍ତିଙ୍କ ସମେତ ତାଙ୍କର ମାତା ଅବସରପ୍ରାପ୍ତ ନିଶ୍ଚେତକ ବିଶେଷଜ୍ଞ ପ୍ରଫେସର ଡାକ୍ତର ବିଷ୍ଣୁପ୍ରିୟା ପଟ୍ଟନାୟକ ଶୁଭେଚ୍ଛୁ ଓ ଆତ୍ମୀୟଗଣ ଉପସ୍ଥିତ ଥିଲେ। ସେ ବାରିପଦା ସହର ସମେତ ଆଖପାଖ ଅଞ୍ଚଳରେ ସାମାଜିକ ତଥା ଆଧ୍ୟାତ୍ମିକ କାର୍ଯ୍ୟ ନେଇ ବେଶ ଜଣାଶୁଣା ଥିଲେ। ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରଠାରେ ହେବା ସହିତ ତାଙ୍କର ପୁତ୍ର ସାତ୍ତ୍ୱିକ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ରାଜ୍ୟର ବିଭିନ୍ନ ଅଞ୍ଚଳର ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

## ତାଳପଦା ଓ ବାଉଁଶଡ଼ିଆରେ ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ

ଠାକୁରମୁଣ୍ଡା, ୩୦।୩(ସମିସ): ଠାକୁରମୁଣ୍ଡା ବ୍ଲକ ତାଳପଦା ଗ୍ରାମରେ ୨୪ତମ ଚବିଶ ପ୍ରହର ଅଖଣ୍ଡ ମହାମନ୍ତ୍ର, ନାମଯଜ୍ଞ ଗତ ୨୭ ତାରିଖରୁ ଆରମ୍ଭ ହୋଇ ୩୦ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଏହି ନାମଯଜ୍ଞ ନିମନ୍ତେ ବିଭିନ୍ନ ସ୍ଥାନରୁ ସଂକୀର୍ତ୍ତନ ଦଳ ନାମସଂକୀର୍ତ୍ତନ ପରିବେଷଣ କରିଥିଲେ। ବାରିପଦା ଅଞ୍ଚଳର ଗୌଡ଼ରାମା, ଅଁଳାକୁଡା, କୁମାରଡିହା, ନୂଆଗାଁ (ଖୁଣ୍ଟା), ତଳ ସାହି, (ପୁଅ ଦଳ) ଲମ୍ବା ସାହି (ଝିଅଦଳ), ଭାଲିଆସାହି (ଝିଅଦଳ) ସମେତ ମୋଟ ୭ଟି ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ସେହିପରି ଭାରାଣ୍ଡିଆ ପଞ୍ଚାୟତର ବାଉଁଶଡିଆ ଗ୍ରାମର (ଭାରଦିଆ) ସାହିରେ ୫ଟି ଦଳ ନାମ ପରିବେଷଣ କରିଥିଲେ। ଏଥିରେ ମୁଖ୍ୟଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସରୋଜନୀ ମୁଣ୍ଡା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମାହାନ୍ତ ଯୋଗ ଦେଇଥିଲେ। ପୂର୍ଣ୍ଣାହୁତି ପରେ ସଂକୀର୍ତ୍ତନ ଦଳଗୁଡିକ ନଗର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।

## ଟାଉନ ଥାନା ଆଇଆଇସି ଓ ତଦନ୍ତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

ବାରିପଦା, ୩୦।୩(ସମିସ): ବାରିପଦା ଟାଉନ ଥାନାରେ ଓଡ଼ିଶା ଅବକାରୀ ଆଇନର ୫୨(କ) ଧାରା ଅନୁସାରେ ଗତ ୨୫ ତାରିଖରେ ଅଭିଯୁକ୍ତ ଅଜୟ ମୁଖିଙ୍କ ବିରୋଧରେ ଏକ ମାମଲା ରୁଜୁ ସହିତ ଅଭିଯୁକ୍ତଙ୍କୁ ତା'ପରଦିନ ବାରିପଦା କୋର୍ଟକୁ ଚାଲାଣ କରିଥିଲା। ଗିରଫ ଅଭିଯୁକ୍ତଙ୍କୁ ସ୍ଥାନୀୟ ବାରିପଦା ଏସଡିଜେଏମଙ୍କ ଅଦାଲତରେ ମଧ୍ୟ ହାଜର କରାଯାଇଥିଲା। ତେବେ ସେହିଦିନ ଏହି ମାମଲାରେ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପରମାନନ୍ଦ ଷଡ଼ଙ୍ଗୀଙ୍କ ଦ୍ୱାରା ଜାମିନ ପାଇଁ ଆବେଦନ କରାଯିବା ସହିତ ସୁପ୍ରିମକୋର୍ଟଙ୍କ ଫୌଜଦାରୀ କାର୍ଯ୍ୟବିଧି ଆଇନର ୪୧ (୧) ଅନୁଯାୟୀ ଥିବା ମାର୍ଗଦର୍ଶିକାକୁ ପୁଲିସ ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ଠିକ୍‌ଭାବେ ଅନୁପାଳନ କରାଯାଇ ନ ଥିବାର ଯୁକ୍ତିରେ ଦର୍ଶାଯାଇଥିଲା। ଭାରପ୍ରାପ୍ତ ଏସଡିଜେଏମ ଆବେଦନର ଶୁଣାଣି କରି ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ମଞ୍ଜୁର କରିଥିଲେ। ଏଥିସହ ଏହି ଘଟଣାରେ ତଦନ୍ତକାରୀ ପୁଲିସ ଅଧିକାରୀ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମାକୁ ଅନୁପାଳନ ନ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଉଲ୍ଲେଖ କରିଥିଲେ। ଏ ସମ୍ପର୍କରେ ବାରିପଦା ଟାଉନ ଥାନାର ଆଇଆଇସି ଏବଂ ତଦନ୍ତକାରୀ ଅଧିକାରୀ ଉଭୟଙ୍କୁ ଏସଡିଜେଏମଙ୍କ ଅଦାଲତରେ କାରଣ ଦର୍ଶାଇବାକୁ ନୋଟିସ ଜାରି କରାଯାଇଛି। ଏହାର ଏକ ନକଲ ମଧ୍ୟ ମୟୂରଭଞ୍ଜ ଏସପିଙ୍କ ନିକଟକ ପଠାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରକାଶ।

## ପାଣି ପାଇଁ କଳବଲ; ଜଳଛତ୍ର ଖୋଲିବାକୁ ଦାବି

ମୋରଡ଼ା, ୩୦।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ପୂର୍ବାହ୍ନ ୧୧ଟାରୁ ରାସ୍ତାଘାଟ ଶୁନ୍‌ଶାନ ହୋଇଯାଉଛି। ପ୍ରଚଣ୍ଡ ଖରାରେ ଲୋକେ



ତହଳବିକଳ ହେଉଛନ୍ତି। ଏଭଳି ସ୍ଥିତିରେ ଅଞ୍ଚଳରେ ଜନଗହଳି ପୂର୍ଣ୍ଣ ତଥା ବିଭିନ୍ନ ଛକରେ ଜଳଛତ୍ର ଖୋଲିବାକୁ ସାଧାରଣରେ ଦାବି ହେଉଛି। ଗ୍ରୀଷ୍ମ ପ୍ରବାହରେ ଧନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପଥିକମାନେ ରାସ୍ତାରେ ଯିବାଆସିବା ବେଳେ ଟାଣଖରା ଯୋଗୁଁ ଥକିପଡ଼ି ପାଣି ବୁନ୍ଦାଏ ପିଇବା ପାଇଁ ହଇରାଣ ହେଉଛନ୍ତି। ଅଞ୍ଚଳରେ ଜଳଛତ୍ର ଖୋଲାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ତେଣୁ ମୋରଡ଼ା ବ୍ଲକର ୨୦ଟି ପଞ୍ଚାୟତର ୧୫୦ଟି ଛକରେ ତୁରନ୍ତ ଜଳଛତ୍ର ଖୋଲିବାକୁ ଆବଶ୍ୟକ ପଦକ୍ଷେପ ନେବାପାଇଁ ଦାବି ହେଉଛି। ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ଆରମ୍ଭରୁ ଗ୍ରୀଷ୍ମପ୍ରବାହ ବଢ଼ିଚାଲିଛି। ପୁଣି ଟାଣ ଖରା ଯୋଗୁଁ ମୃଦୁ ପାନୀୟ ଜୋରସୋରରେ ବିକ୍ରି ଚାଲିଛି। ଟାଣ ଖରା ଯୋଗୁଁ ଆଖୁ ରସର ଚାହିଦା ମଧ୍ୟ ବଢ଼ି ଚାଲିଛି। ବର୍ତ୍ତମାନ ଟାଣ ଖରାର ପ୍ରକୋପ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଜଳଛତ୍ର ନିତାନ୍ତ ଆବଶ୍ୟାକ ହୋଇ ପଡ଼ିଛି। ଆଗକୁ ଆହୁରି ଖରା ଉଗ୍ରରୂପ ନେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଏବେଠୁ ସରକାର ସଜାଗ ନ ବୁଢାବୁଢ଼ୀମାନେ ଅଂଶୁଘାତରେ ପାଣି ନ ପାଇ ଜୀବନ ଚାଲିଯାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଆବାଳ ବୃଦ୍ଧ ବନିତାଠାରୁ ଆରମ୍ଭ କରି ଶୋଷ ମେଣ୍ଟାଇ ଅଯଥା ଖର୍ଚ୍ଚାନ୍ତ ହେଉଥିବା ନଜରକୁ ଆସିଛି। ତେଣୁ ବ୍ଲକ ପ୍ରଶାସନ ଟାଣଖରାକୁ ଦୃଷ୍ଟିରେ ଶୀଘ୍ର ଜଳଛତ୍ର ଖୋଲିବାକୁ ବୁଦ୍ଧିଜୀବି ମହଲରେ ଦାବି ହେଉଛି।

## କୁଶଳଦା ଫାଣ୍ଡି ଅଧିକାରୀଙ୍କ ନିର୍ବାଚନ ସଚେତନତା



ଉଦଳା, ୩୦।୩(ସମିସ): ନିର୍ବାଚନ ଆଚରଣ ବିଧି ଲାଗୁ ହୋଇସାରିଥିବା ବେଳେ ଉଦଳା ଥାନା କୁଶଳଦା ଫାଣ୍ଡି ଅଧୀନରେ ଥିବା ସମସ୍ତ ଗ୍ରାମ କୁ ଆଗାମୀ ନିର୍ବାଚନ କେମିତି ଶାନ୍ତି ଶୃଙ୍ଖଳାର ସହିତ ସମାପ୍ତ ହେବ ସେ ନେଇ ପ୍ରତି ୱାର୍ଡରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଉଦଳା ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ କୁଶଳଦା ଫାଣ୍ଡି ଅଧିକାରୀ ଗୋଲୋକ ମିଶ୍ର ପ୍ରତ୍ୟେକ ଗ୍ରାମରେ ପହଞ୍ଚି ସଚେତନତା ସୃଷ୍ଟି କରୁଛନ୍ତି। ନିର୍ବାଚନ ସମୟରେ କେମିତି ଶାନ୍ତି ଶୃଙ୍ଖଳାର ସହ ସାଧାରଣ ଲୋକ କାର୍ଯ୍ୟକ୍ରମରେ ସାମିଲ ହୋଇ ନିର୍ବାଚନରେ ଭାଗ ନେବେ ସେ ନେଇ ଲୋକଙ୍କୁ ସଚେତନ କରିଥିଲେ। ଫାଣ୍ଡି ଅଧୀନରେ ଥିବା କୋଚିଲାଡିହା, ବରଡ଼ିହି, ଧାନଘେରା, କୁଶଳଦା ଏବଂ ଜୟପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ପହଞ୍ଚି ଲୋକଙ୍କୁ ନିର୍ବାଚନ ବିଷୟରେ ସଚେତନ କରିଥିଲେ।

## ଶ୍ରୀ ଅରବିନ୍ଦ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜାମଦା, ୩୦।୩(ସମିସ): ବାମନଘାଟୀ ଉପଖଣ୍ଡ ଜାମଦା ବ୍ଲକ ଅନ୍ତର୍ଗତ ହରିଲାବେଡା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୧୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜାମଦା ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବରେ ଜାମଦା ସିଆରସିସି ବକ୍ସି ଜଗବନ୍ଧୁ ପାଲ, ସମ୍ମାନିତ ଅତିଥି ଭାବେ ଜାମଦା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୌରୀଶଙ୍କର ସା, ଅବସରପ୍ରାପ୍ତ ଷ୍ଟେଟ୍‌ବ୍ୟାଙ୍କ ମ୍ୟାନେଜର ନାରାୟଣ ମାଝୀ, ପାସନା ପଞ୍ଚାୟତର ମନୋଜ ମଣ୍ଡଳ ଯୋଗ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ଡଃ ରାମପଦ ମହାନ୍ତ ଅତିଥି ପରିଚୟ ଓ ଅଧ୍ୟକ୍ଷ ଦିଲ୍ଲୀପ କୁମାର ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ମଙ୍ଗଳ ସର୍ଦ୍ଦାର ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ସଭାନେତ୍ରୀ ପ୍ରତିମା ଜେନା ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଶିଳ୍ପ ପ୍ରତିଷ୍ଠାତା ରଘୁମଣି ତ୍ରିପାଠୀଙ୍କ ପରଲୋକ

ଉଦଳା, ୩୦।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ପ୍ରଥମ ଶିଳ୍ପ ପ୍ରତିଷ୍ଠାତା ତଥା ଉଦଳାର ବରିଷ୍ଠ ନାଗରିକ, ସମାଜସେବୀ ତଥା ସଂଗଠକ ରଘୁମଣି ତ୍ରିପାଠୀ (୮୮)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ ଜଣେ ସମ୍ଭ୍ରାନ୍ତ ପରିବାରର ବ୍ୟକ୍ତି ଥିଲେ। ନିଜର ସମାଜସେବା ଓ ସାଙ୍ଗଠନିକ ଦକ୍ଷତା ବଳରେ ଜିଲ୍ଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଜିଲ୍ଲାର ପ୍ରଥମ ଶିଳ୍ପ ଉତ୍କଳ ବଲ୍‌ବ କାରଖାନା କରି ନୂତନ ପରିଚୟ ସୃଷ୍ଟି କରିଥିଲେ। ସେହିପରି ଉଦଳାରେ ଟାଉନ କ୍ଲବ, ବାସନ୍ତୀ ପୂଜା କମିଟି ପ୍ରତିଷ୍ଠା କରିଥିଲେ। ସେ ବରିଷ୍ଠ ନାଗରିକ ସଂଘର ଜଣେ ପ୍ରତିଷ୍ଠାତା ସଦସ୍ୟ ଥିଲେ। ସେହିପରି ଉଦଳା କଲେଜ, ଇନ୍ଦିରା ଗାନ୍ଧୀ ମହିଳା କଲେଜ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଉଦଳା ଏନଏସିର ପ୍ରତିଷ୍ଠା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ପ୍ରଥମ କାଉନସିଲର ହେବାର ଗୌରବ ଅର୍ଜନ କରିଥିଲେ। ସେ ପୂର୍ବତନ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ରଙ୍ଗନାଥ ମିଶ୍ରଙ୍କ ଭଣଜା। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା କ୍ଷଣି ଶେଷ ଦର୍ଶନ ପାଇଁ ଲୋକରଣ୍ୟ ହୋଇପଡ଼ିଥିଲା ବାସଭବନ। ଉଦଳା ବିଧାୟକ ଭାସ୍କର ମଢେଇ, ନଗରପାଳ ପ୍ରମିଳା ପଣ୍ଡା ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ସଂଗଠନ ଶେଷ ଦର୍ଶନ କରିଥିଲେ। ତେଲିସାହି ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।



## ବିବି ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା

କୁଳିଅଣା, ୩୦।୩(ସମିସ): ବାଇଗଣବାଡିଆସ୍ଥିତ ବି.ବି ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ଡଃ ସନ୍ଦୀପ ପଟ୍ଟନାୟକ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଉଚ୍ଚଶିକ୍ଷା ପାଇଁ କିପରି ନିଜକୁ ପ୍ରସ୍ତୁତି କରିବେ ସେ ନେଇ ଆଲୋକପାତ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡଃ ବିଜୟ କୁମାର ମହାନ୍ତ କହିଥିଲେ ଯେ ଶୃଙ୍ଖଳାଗତ ଜୀବନରେ ପରିଚାଳିତ ହେଲେ ଛାତ୍ରଛାତ୍ରୀ ଭବିଷ୍ୟତରେ ଭଲ ମଣିଷ ହୋଇପାରିବେ। ବିଭାଗୀୟ ଅଧ୍ୟାପିକା ଇପସିତା ପରିଡ଼ା ଓ ବିଭାଗୀୟ କର୍ମଚାରୀ ସୁଜିତ ପାତ୍ର, କ୍ଷୀତିଶ ଚନ୍ଦ୍ର ମହାନ୍ତ ଡଃ ପଟ୍ଟନାୟକ ଜଣେ ମେଳାପୀ ଓ ଛାତ୍ର ବତ୍ସଳ ଅଧ୍ୟକ୍ଷ ଥିଲେ।



# ବିଶ୍ୱବିଦ୍ୟାଳୟ ଆଇନ କାର୍ଯ୍ୟକାରୀ ପାଇଁ ସିଣ୍ଡିକେଟ୍ ସଭ୍ୟଙ୍କ ଦାବି

ବାରିପଦା ୩୦।୩(ସମିସ): ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ ମସିହାରେ କାର୍ଯ୍ୟକାରୀ କରାଯାଇଥିଲା। ନିୟମ ଅନୁସାରେ ସିନେଟ୍, ସିଣ୍ଡିକେଟ୍, ଓ ଏକାଡେମୀ କାଉନସିଲ୍ ବିଶ୍ୱବିଦ୍ୟାଳୟ ସୁପରିଚାଳନା ପାଇଁ ଉଦ୍ଦିଷ୍ଟ ଥିଲା। କୁଳପତି, ସିନେଟ୍, ସିଣ୍ଡିକେଟ ଓ ଏକାଡେମୀ କାଉନସିଲ୍‌ର କିଛି ସଦସ୍ୟ କୁଳାଧିପତିଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି ବା ନିଯୁକ୍ତି ପାଇଥାନ୍ତି। କିନ୍ତୁ ରାଜ୍ୟ ସରକାର ୨୦୨୦ ମସିହାରେ ବିଶ୍ୱବିଦ୍ୟାଳୟ ଆଇନରେ କେତେକ ପରିବର୍ତ୍ତନ କରି କୁଳପତିଙ୍କ ନିଯୁକ୍ତି ବୟସ, କାର୍ଯ୍ୟକାଳ, ଶିକ୍ଷକ ନିଯୁକ୍ତି, ସିଣ୍ଡିକେଟ ଆଦିରେ ପରିବର୍ତ୍ତନ କରିଥିଲେ। ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ନୂତନ ଆଇନ୍ ୨୦୨୦ ଲାଗୁ ହେବା ମାତ୍ରେ କେତେକ ଉଚ୍ଚଶିକ୍ଷିତ ବ୍ୟକ୍ତିବିଶେଷ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ମାମଲାର ବିଚାର କରି ରାଜ୍ୟ ସରକାରଙ୍କ ସପକ୍ଷରେ ଆଦେଶନାମା ଜାରି କରିଥିଲେ। ଉଚ୍ଚ ନ୍ୟାୟାଳୟର ଆଦେଶନାମା ବିରୋଧରେ ସମ୍ପୃକ୍ତ ବ୍ୟକ୍ତିବିଶେଷ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ୨୦.୫.୨୦୨୨ରେ ଉଚ୍ଚ ନ୍ୟାୟାଳୟର ଆଦେଶ ଉପରେ ଅନ୍ତରୀଣ ରୋକ ଲଗାଇଲା ପରେ ବିଶ୍ୱବିଦ୍ୟାଳୟ ଅମେଣ୍ଡମେଣ୍ଟ ଆକ୍ଟ ୨୦୨୦ ସ୍ୱତପ୍ରବୃତ୍ତ ଭାବେ ଅକାମି ହୋଇଗଲା। ତେଣୁ ନିୟମ ଅନୁସାରେ ସର୍ବୋଚ୍ଚ ନ୍ୟାୟାଳୟର ଅନ୍ୟ ଆଦେଶନାମା ପର୍ଯ୍ୟନ୍ତ ଓଡ଼ିଶା ବିଶବବିଦ୍ୟାଳୟ ଆଇନ ୧୯୮୯ ଓଡ଼ିଶାରେ କାର୍ଯ୍ୟକ୍ଷମ ଅଛି ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ ସମସ୍ତ ବିଶ୍ୱବିଦ୍ୟାଳୟ ଆଇନ୍ ୧୯୮୯ ଅନୁସାରେ ପରିଚାଳିତ ହେବାର ଆବଶ୍ୟକତା ରହିଛି।

ଓଡ଼ିଶାର ରାଜ୍ୟପାଳ ତଥା ସମସ୍ତ ବିଶ୍ୱବିଦ୍ୟାଳୟର କୁଳାଧିପତି ତଦାରଖ କରିବା କଥା ଯେ, ସମସ୍ତ ବିଶ୍ୱବିଦ୍ୟାଳୟ ପୁରୁଣା ବିଶ୍ୱବିଦ୍ୟାଳୟ ନିୟମାନୁସାରେ ଚାଲିଛି କି ନାହିଁ ? ଯଦି ଓଡ଼ିଶାର ପୁରୁଣା ବିଶ୍ୱବିଦ୍ୟାଳୟ ନିୟମ କାର୍ଯ୍ୟକାରୀ ହେଉଛି, ତାହେଲେ ପରିବର୍ତ୍ତିତ ବିଶ୍ୱବିଦ୍ୟାଳୟ ନିୟମ ୨୦୨୦ ମସିହା ଆଧାରରେ କୁଳପତି ନିଯୁକ୍ତି, ଶିକ୍ଷକ ନିଯୁକ୍ତି, ସିନେଟ୍, ସିଣ୍ଡିକେଟ୍, ଓ ଏକାଡେମିକ କାଉନସିଲ ସଦସ୍ୟ ନିଯୁକ୍ତି ଅକାମି ହୋଇସାରିଛି। ତେଣୁ ସମ୍ପୃକ୍ତ ବ୍ୟକ୍ତିବିଶେଷ କେଉଁ ଆଧାରରେ ସେହି ପଦବୀରେ ଅବସ୍ଥାପିତ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ତେଣୁ କୁଳାଧିପତି ସର୍ବୋଚ୍ଚ ନ୍ୟାୟାଳୟର ଅନ୍ତରୀଣ ରୋକ ଅନୁସାରେ କାର୍ଯ୍ୟ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ କୁଳପତି ପଦବୀ ଖାଲି ରହିଛି। ଅନ୍ୟ ବିଶ୍ୱବିଦ୍ୟାଳୟର କୁଳପତି ବା ଓଏସଡିଙ୍କ ଦ୍ୱାରା ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ପରିଚାଳନା କରାଯାଉଛି। ସେହି କ୍ଷେତ୍ରରେ ତୁରନ୍ତ ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ ଅନୁସାରେ କୁଳପତି ପଦବୀ ପୂରଣ ସିନେଟ୍, ସିଣ୍ଡିକେଟ୍, ଏକାଡେମୀକ କାଉନସିଲ ଗଠନ ନିମନ୍ତେ ଓଡ଼ିଶାର ରାଜ୍ୟପାଳ ତଥା କୁଳାଧିପତି ପଦକ୍ଷେପ ନେବାକୁ ବାରିପଦାର ପୂର୍ବତନ ବିଧାୟକ ତଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ତତ୍କାଳୀନ ସିନେଟ ଓ ସିଣ୍ଡିକେଟ୍ ସଦସ୍ୟ କିଶୋର ଦାଶ ଦାବି କରିଛନ୍ତି।

